**ସଂକ୍ଷେପରେ**

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଡାବୁଗାଁ,୧ ।୩ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଡାବୁଗାଁ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ୨୦୨୦-୨୧ ଶିକ୍ଷା ବର୍ଷ ପାଇଁ ପ୍ରବେଶିକା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଛାତ୍ର ମାନେ ୨୦୨୦-୨୧ ଶିକ୍ଷା ବର୍ଷ ପାଇଁ ୬ ଷ୍ଠ ଶ୍ରେଣୀରେ ନାମ ଲେଖାଇବେ । ଏଥିରେ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ରୋହିତ ନାଗ ଙ୍କ ସମେତ ୭ ଜଣ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ । ଏଥିରେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୩୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ।

## ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ



କୋଡିଙ୍ଗା,୧ ।୩(ଡି.ଏନ.ଏ): ନବରଙ୍ଗପୁର ଜିଲା କୋଡିଙ୍ଗାଠାରେ ଅତିମାନସ ଯୋଗାଶ୍ରମ ଅରବିନ୍ଦନଗରଠାରେ ଶ୍ରୀଅରବିନ୍ଦଙ୍କ ଦେହାଶଂ ପ୍ରତିଷ୍ଠା ଦିବସର ୫ମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ଅଖଣ୍ଡ 'ମା' ନାମ ଜପ କରାଯାଇଥିଲା। ଓଁ ନମୋ ଭଗବତେ ଶ୍ରୀ ଅରବିନ୍ଦାୟ ମନ୍ତ୍ରୀ ଉଚ୍ଚାରଣ ସହ ଶ୍ରୀ ଅରବିନ୍ଦ ସ୍କୁଲର ଛାତ୍ରୀଛାତ୍ର ଓ ଜନସାଧାରଣ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଏକ ବିଶେଷ ପାଠଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ସାଧକ ବଦ୍ରି ନାରାୟଣ ସିଂ, ପ୍ରଭାତି ସାହୁ, ମାନସୀ ସାହୁ, ସୁଜାତା ମାଝି, ପୁଷ୍ପାଞ୍ଜଳି ସାହୁ, ସୋନାଲି ନାୟକ, ଉର୍ମିଳା ମହାପାତ୍ର ସକ୍ରିୟ ଭାଗ ନେଇଥିଲେ। ସମ୍ମାନିତ ଆଲୋଚକ ଭାବେ କୋରାପୁଟର ସାଧକ ଟଙ୍କଧର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋଡିଙ୍ଗା ଅତିରିକ୍ତ ତହସିଲଦାର ସବ୍ୟସାଚି ଜେନା, ଗୋଷ୍ଠୀ ଶିକ୍ଷାଧିକାରୀ ଇଶ୍ୱର ଚନ୍ଦ୍ର ମାଝି, ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷା ଅମିତା ରାୟ, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଦେବେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ବିଶିଷ୍ଟ ସାଧକ କୁଞ୍ଜବିହାରୀ ଦାସ ଯୋଗ ଦେଇଥିଲେ।

# ଶ୍ରମିକ ସାଜିଲେ ଚନ୍ଦାହାଣ୍ଡି ବିଡିଓ

ଚନ୍ଦାହାଣ୍ଡି,୧ ।୩(ଡି.ଏନ.ଏ)

ଶ୍ରମିକ ସାଜିଲେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିଜେ ବାଲି, ସିମେଣ୍ଟ ବୋହି ଶ୍ରମିକଙ୍କ ସହ କାମ କରୁଥିବାର ଶନିବାର ଦେଖିବାକୁ ମିଳିଥିଲା। ଏହା ଦେଖି ଶ୍ରମିକମାନେ ମଧ ଉତ୍ସାହିତ ହୋଇ କାମ କରିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଚନ୍ଦାହାଣ୍ଡି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଧିମେଇ ଯାଇଛି। ସେଥିପାଇଁ ବିଡିଓ ଧର୍ମରାଜ ବିଭିନ୍ନ ପଞ୍ଚାୟତ ଶନିବାର ପରିଦର୍ଶନରେ ଯାଇଥିଲେ। ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତର ପୂଜାରିଗୁଡାଠାରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଥିବାର ଦେଖିଥିଲେ। ସେଠାରେ ପହଞ୍ଚି ରାସ୍ତା କାମ ଯାଞ୍ଚ କରିଥିଲେ। ଏଥିସହ ଶ୍ରମିକମାନଙ୍କ ସହ ମିଶି ବାଲି, ସିମେଣ୍ଟ , କଂକ୍ରିଟ ବୋହି କାମ କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ଆଗେଇ ଆସି ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ଜମାଦରାପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଘର ନିର୍ମାଣ ଦେଖିଥିଲେ। ଜଣେ ହିତାଧିକାରୀଙ୍କ ଆବାସ ଗୃହ ନିର୍ମାଣ ବେଳେ ଶ୍ରମିକଙ୍କ ସହ ମିଶି ବିଡିଓ କାମ କରିଥିଲେ। ହିତାଧିକାରୀଙ୍କୁ ଘର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ବିଡିଓଙ୍କ ସହ ମିଶି ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଛମନ ନିଆଲ, ଯୋଗାଣ ସହାୟକ ପୂର୍ଣ୍ଣ ସୁନା ପ୍ରମୁଖ କାମ କରିଥିଲେ।



ଶ୍ରମିକଙ୍କ ସହ ମିଶି ବିଡିଓ କାମ କରୁଛନ୍ତି।

## ତେନ୍ତୁଳି ଗଛ ପାଇଁ ଜଣକୁ ହତ୍ୟା

କୋଡିଙ୍ଗା,୧ ।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଞ୍ଚଳର ରାବଣାଗୁଡା ଗ୍ରାମରେ ତେନ୍ତୁଳି ଗଛକୁ ନେଇ ଏକ ହତ୍ୟାକାଣ୍ଡ ଘଟିଯାଇଛି। ରାବଣାଗୁଡା ଗ୍ରାମରେ ପ୍ରସାଦ ହଲବାଙ୍କ ବାଡରେ ଏକ ତେନ୍ତୁଳି ଗଛ ଅଛି। ଏହି ତେନ୍ତୁଳି ଗଛକୁ ନେଇ ପ୍ରସାଦ ଓ ସେହି ଗ୍ରାମର ସମ୍ଭାରୁ ହଲବାଙ୍କ ମଧରେ ବିବାଦ ଲାଗି ରହିଥିଲା। ବର୍ତ୍ତମାନ ତେନ୍ତୁଳି ଗଛରେ ଫଳ ହୋଇଛି । ବଜାରରେ ତେନ୍ତୁଳି ଦର ମଧ ବେଶ ଭଲ ଅଛି।ଏହି ତେନ୍ତୁଳି ଗଛରେ ଆମର ଭାଗ ଅଛି କାହିଁକି ଦେବ ନାହିଁ କହି ପ୍ରସାଦଙ୍କ ଘରକୁ ଶନିବାର ରାତିରେ ସେହି ଗ୍ରାମର ସମ୍ଭାରୁ ହଲବା, ରାଜୁ ହଲବା, ପୁଷ୍ପା ହଲବା, ମଙ୍ଗତି ହଲବା ଆସିଥିଲେ। ଗଛକୁ ନେଇ ପାଟିତୁଣ୍ଡ ହେବା ସହ ହାତାହାତି ହୋଇଥିଲେ। ଏହି ସମୟରେ ପ୍ରସାଦଙ୍କ ଭିଣୋଇ ଧନସିଂ ହଲବା ଗଣ୍ଡଗୋଳ ଛଡାଇବା ପାଇଁ ଆସିଥିଲେ। ଠେଲାପେଲା ମଧରେ ଧନସିଂ ତଳେ ପଡିଯାଇଥିଲେ। ତାଙ୍କ ଛାତିକୁ ସମ୍ଭାରୁ, ରାଜୁ, ପୁଷ୍ପା, ମଙ୍ଗତି ଗୋଇଠା ମାରିଥିଲେ । ଫଳରେ ଧନସିଂ ଅଚେତ ହୋଇଥିଯାଇଥିଲେ। ଏହା ପରେ ୧୦୮ ଆମ୍ବୁଲାନ୍ସକୁ ଡକାଇ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୋଡିଙ୍ଗା ଥାନାରେ ୪ ଜଣଙ୍କ ନାମରେ ପ୍ରସାଦ ଏତଲା ଦେଇଥିଲେ। କୋଡିଙ୍ଗା ଥାନା ଅଧିକାରୀ ଦେବବ୍ରତ ମଲିକ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଥାନାରେ ନଂ.୨୬/୨୦ରେ ଏକ ମାମଲା ରୁଜୁ ହୋଇଛି।

## ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

**ବିଦାୟକାଳୀନ ସମ୍ବର୍ଦ୍ଧନା**



ଅବସରପ୍ରାପ୍ତ ମେଡିକାଲ କର୍ମଚାରୀଙ୍କୁ ଉପଢ଼ୌକନ ପ୍ରଦାନ କରାଯାଉଛି।

ଝରିଗାଁ,୧ ।୩(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରହିଥିବା ସଭା ଗୃହ ଠାରେ ବ୍ଲକ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସଦନ ନାୟକଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଡାକ୍ତର ସ୍ମୃତି ମଧୁସିକ୍ତା ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଅବସର ପ୍ରାପ୍ତ ସଦନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଏହାପରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ସଭାପତି ଭାବେ ରବି ଜାନୀ, ଉପ ସଭାପତି ବିକ୍ରମ ବାଘ, ସଂପାଦକ ନିଳାମ୍ବର ପନକା, କୋଷାଧକ୍ଷ ହରି ଜାନୀଙ୍କୁ ଚୟନ କରାଯାଇଥିଲା। ଏଥିରେ ସଂଘର କିଶୋର ଦାଶ, ନାଗେଶ୍ୱର ପଟ୍ଟନାୟକ, ଜେ.ମୁରଲୀ, ପେଣ୍ଡ୍ରା ହନ୍ତାଳ, ପୂର୍ଣ୍ଣିମା ସରକାର, ଗଣପତି ପାଇକ, ନରସିଂହ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବେଳାଭୂମିରୁ ମୃତ ସାର୍କ ମାଛ ଉଦ୍ଧାର

ଚିକିଟି,୧।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ସୁନପୁର ବେଳାଭୂମିରୁ ରବିବାର ଏକ ମୃତ ସାର୍କ ମାଛକୁ ବ୍ରହ୍ମପୁର ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ଜବତ କରିଛନ୍ତି। ମାଛଟି ସମୁଦ୍ର ଲହଡ଼ିରେ କୂଳରେ ଲାଗିଥିଲା। ଏହାକୁ ଦେଖି ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଠେଲି ଦେଇଥିଲେ। କିନ୍ତୁ ପୁଣି ମାଛଟି ଲହଡ଼ି ମାଡ଼ରେ କୂଳରେ ଲାଗିବାରୁ ମତ୍ସ୍ୟଜୀବୀମାନେ ବନ ବିଭାଗକୁ ଜଣାଇଥିଲେ। ଡିଏଫ୍‌ଓ ବେଳାଭୂମିରେ ପହଞ୍ଚି ମୃତ ସାର୍କକୁ ଜବତ କରିବା ସହ ସୋମବାର ଚିକିଟି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛନ୍ତି। ମତ୍ସ୍ୟଜୀବୀଙ୍କ କହିବା ପ୍ରକାରେ, ମାଛର ଲମ୍ବ ୨୦ ରୁ ୨୫ ଫୁଟ ହୋଇଥିବା ଜଣାପଡୁଥିଲା। ସୋମବାର ମାପ ପରେ ଏହାର ଲମ୍ବା ଜଣାପଡ଼ିବ ବୋଲି ଡିଏଫ୍‌ଓ କହିଛନ୍ତି।



ଉଦ୍ଧାର ସାର୍କ ମାଛ।

## ବାଇକରୁ ପଡ଼ି ୨ ଗୁରୁତର

ଡାବୁଗାଁ,୧ ।୩ (ଡି.ଏନ.ଏ.):

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଛକ ନିକଟରେ ବାଇକରୁ ପଡି ୨ ଜଣ ଗୁରୁତର ହୋଇଛନ୍ତି । ମେଣ୍ଡ୍ରା ଗ୍ରାମର ତୁଳାରାମ ସାନ୍ତା (୩୫) ଓ ମକର ସାନ୍ତା (୩୮)ଉମରକୋଟରୁ ଡାବୁଗାଁ ଆଡକୁ ବାଇକ (ନଂ.ଓଡି୧୦ଇ-୮୨୧୭)ରେ ଆସୁଥିବା ବେଳେ ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲେ। ଏଥିରେ ତୁଳାରାମ ସାନ୍ତା ଓ ମକର ଆହତ ହୋଇଥିଲେ । ଖବରପାଇ ଡାବୁଗାଁ ଥାନା ସିଏଏସଆଇ ପୀତାମ୍ବର ଭତ୍ରା ଓ ପୋଲିସ କର୍ମଚାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଜଗନ୍ନାଥ ମନ୍ଦିର ନୂତନ କମିଟି ଗଠିତ

କୋଡିଙ୍ଗା,୧ ।୩(ଡି.ଏନ.ଏ)

କୋଡିଙ୍ଗା ଜଗନ୍ନାଥ ମନ୍ଦିର ନୂତନ କର୍ମକର୍ତ୍ତା ଚୟନ କରି କମିଟି ଗଠନ କରାଯାଇଛି। ପୁରୁଣା କମିଟିକୁ ଭଙ୍ଗାଯାଇଛି। ନୂତନ ମନ୍ଦିର କମିଟି ସଭାପତି ଭାବେ ଡାବୁଗାଁ ବିଧାୟକ, କାର୍ଯ୍ୟକାରୀ ସଭାପତି କୋଡିଙ୍ଗା ତହସିଲଦାର, ସମ୍ପାଦକ କୈଳାସ ପାଣିଗ୍ରାହୀ, ସହସମ୍ପାଦକ ରମେଶ ଚନ୍ଦ୍ର ପଟ୍ଟନାୟକ, କୋଷାଧକ୍ଷ ତ୍ରିଲୋଚନ ସିଂ, ୩ ଜଣ ଉପସଭାପତି ବଦ୍ରି ନାରାୟଣ ସିଂ, ଧରମ ସିଂ, ଅନନ୍ତରାମ ମାଝି ଏବଂ ୨୧ ଜଣ ସଦସ୍ୟ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ବୈଠକରେ ରଥଯାତ୍ରା ପାଇଁ ମଧ ଆଲୋଚନା କରାଯାଇଥିଲା।



କୋଡିଙ୍ଗା ଜଗନ୍ନାଥ ମନ୍ଦିର ନୂତନ କର୍ମକର୍ତ୍ତା ଚୟନ କମିଟିରେ ଉପସ୍ଥିତ ସଦସ୍ୟମାନେ।

# ଡାବୁଗାଁରେ ମହାପ୍ରୟାଣ ଗାଡ଼ି ଉଦ୍‌ଘାଟିତ

ଡାବୁଗାଁ, ୧ ।୩ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମହାପ୍ରୟାଣ ଗାଡି ରବିବାର ଉଦଘାଟିତ ହୋଇଯାଇଛି । ଏଥିରେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାପ୍ରୟାଣ ଗାଡିକୁ ଉଦଘାଟନ କରିଥିଲେ । ଏଥିରେ ଡାବୁଗାଁ ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଜଗନ୍ନାଥ ଦାସ, ଡାବୁଗାଁ ସରପଞ୍ଚ ଯଶୋଦା ସୌରା, ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ କୁମାର ବେହେରା, ଏମ୍. ବୁଲୁ ରାଓ, ଟି. ଲୁଗୁନୁ ବାବୁ, ବବୁଲୁ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ପ୍ରଚେଷ୍ଟାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଗାଡି ଯୋଗାଇ ଦିଆଯାଇଛି ।



ଏମ୍‌ପି ଓ ବିଧାୟକ ମହାପ୍ରୟାଣ ଗାଡ଼ି ଉଦ୍‌ଘାଟନ କରୁଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱ ଦେବେନ୍ଦ୍ର କୁମାର ଦାସ (ବୁଲୁ ଦାସ)
ଆବିର୍ଭାବ : ୧୨.୦୬.୧୯୬୧
ତିରୋଧାନ : ୨୧.୦୨.୨୦୨୦
ଗ୍ରାମ : ପାଣ୍ଡିଆସାହି, ପୁରୁଣାଗଡ଼ ଥାନା : ବନ୍ତଲା, ଜି: ଅନୁଗୁଳ
ତୁମର ନିଷ୍କପଟ ସ୍ନେହଶ୍ରଦ୍ଧା ଓ କର୍ତ୍ତବ୍ୟପରାୟଣତା ଆମପାଇଁ ପ୍ରେରଣାର ଉତ୍ସ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ପତ୍ନୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ
ଧ-୧୬୯୬୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ତରୁଣ କୁମାର ଦାଶ (ଟିକୁ)
ତିରୋଧାନ: ୦୨।୦୩।୨୦୧୬
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ପାଇଁ ପଥପ୍ରଦର୍ଶକ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବାପା, ନାନୀ, ନନା, ଭଣଜା, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୦୧୪

## ଜାଲ୍ ନୋଟ ଜବତ, ୨ ଗିରଫ

ପୁରୁଷୋତ୍ତମପୁର,୧।୩(ଡି.ଏନ.ଏ.)

ପୁରୁଷୋତ୍ତମପୁର ପୋଲିସ ଜାଲ ନୋଟ କାରବାର ଅଭିଯୋଗରେ ୨ ଜଣ ଯୁବକଙ୍କୁ ଶନିବାର ଗିରଫ କରିଥିଲା। ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଶାସନପଲ୍ଲୀ ଗ୍ରାମର କେ.ସୁରେଶ ପାତ୍ର ଓ କେ.ନୂଆଗାଁ ଥାନା ଚିକିଟିପେଣ୍ଠ ଗ୍ରାମର ଭୈରବ କୁମାର ସାହୁ। ଉଭୟଙ୍କଠାରୁ ଜାଲ ନୋଟ ସହ ଗୋଟିଏ ବାଇକ୍, ୫ ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ ପୋଲିସ ନଂ.୪୯/୨୦ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରିଛି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୁନୀଲ କୁମାର ପ୍ରଧାନଙ୍କ କହିବା ପ୍ରକାରେ, ପୋଲିସ ପକ୍ଷରୁ ଗାଡି ଯାଞ୍ଚ ସମୟରେ ଏକ ବାଇକ(ନଂ ଓଡି ୦୭ ୱାଇ ୩୧୦୨)ରେ ସୁରେଶ ଓ ଭୈରବ ଆସୁଥିଲେ। ଗାଡିକୁ ଯାଞ୍ଚ ବେଳେ ଡିକିରେ ପାଞ୍ଚଶହ ଟଙ୍କିଆ ୨୭ଟି, ଦୁଇ ଶହ ଟଙ୍କିଆ ୧୫ଟି ସହିତ ୫ ମୋବାଇଲ ଫୋନ ରହିଥିଲା। ଏହାକୁ ନେଇ ପୋଲିସ ଥାନାକୁ ଆଣିଥିଲା। ଉକ୍ତ ଟଙ୍କାକୁ ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କରେ ଶାଖାରେ ଦେଖାଇବା ବେଳେ ଏହା ଜାଲ ଜଣାପଡିଛି।

■ ନବରଙ୍ଗପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

# ଉମରକୋଟ ବଜରଙ୍ଗୀ କ୍ରିକେଟ ଟିମ୍ ଚାମ୍ପିୟନ

ନବରଙ୍ଗପୁର,୧ ।୩(ବି.ପ୍ର)

ନବରଙ୍ଗପୁର ସହର ନୂଆବନ୍ଧ ସାହି ସ୍ଥିତ ତ୍ରିନାଥ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ନବରଙ୍ଗପୁର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ଉମରକୋଟ ବଜରଙ୍ଗୀ ଦଳ ବିଜୟୀ ହୋଇଛି। ଉମରକୋଟର ମହାବୀର କ୍ରିକେଟ ଦଳ ଓ ବଜରଙ୍ଗୀ କ୍ରିକେଟ ଦଳ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବଜରଙ୍ଗୀ ଦଳ ୧୯.୩ ଓଭରରେ ୧୭୪ ରନ ହାସଲ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସଂଘର ଉପଦେଷ୍ଟା ସିତେଶ ପଟ୍ଟନାୟକ, ସଂଘ ସଭାପତି ମଣ୍ଟୁ ପଟ୍ଟନାୟକ, ସମ୍ପାଦକ ଶିବ ଜାନୀ ପ୍ରମୁଖ ଯୋଗ ଦେଇ ବିଜୟୀ ଦଳକୁ ୫୦ ହଜାର ୫ ଶହ ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୨୭ ହଜାର ୨୭ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଭାବେ ମ୍ୟାନ ଅଫ ଦି ମ୍ୟାଚ ଭାବେ ବଜରଙ୍ଗୀ କ୍ଲବର ପୂର୍ଣ୍ଣ ମାଝିଙ୍କୁ ସମ୍ମାନିତ କରିଥିଲେ। ମ୍ୟାନ ଅଫ ଦି ସିରିଜ ଭାବେ ମହାବୀର କ୍ଲବର ଭାରତଙ୍କୁ ସମ୍ମାନିତ କରାଯାଇଥିଲା। ଭଲ ବୋଲର ଭାବେ ବଜରଙ୍ଗୀ କବ୍ଲର କୁଟୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ମଣ୍ଟୁ ପଟ୍ଟନାୟକ, ଅଶୋକ କୁମାର ପାତ୍ର, ଚିଣ୍ଟୁ ପଟ୍ଟନାୟକ, ବୃନ୍ଦା ଜାନୀ, ଚିଣ୍ଟୁ ପ୍ରଧାନୀ, ଶିବ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି କ୍ରିକେଟ ଟୁର୍ନାମେଣ୍ଟରେ ୧୪ଟି ଟିମ ଭାଗ ନେଇଥିଲେ। ଅଶୋକ କୁମାର ପାତ୍ର ଓ ମନୋଜ ପଟ୍ଟନାୟକ ପୁରସ୍କାର ବିତରଣୀ ଉତ୍ସବ ମଞ୍ଚ ପରିଚାଳନା କରିଥିଲେ।



ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି।
କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ

# ଚର୍ମରୋଗରୁ ରକ୍ଷା ପାଇଁ ଝାମିଯାତ୍ରା


ଯାତ୍ରାରେ ଲୋକଙ୍କ ଭିଡ଼।


ମହିଳାମାନେ ଚଣା, ଶାକର ଓ ମୁଢ଼ି ବିକ୍ରି କରୁଛନ୍ତି।

**ଜୟପୁର,୧।୩(ନି.ପ୍ର)**

**ଉତ୍ସବ ମୁଖର ଜୟପୁର**
- ପୂଜକ ବାଣ୍ଟିଲେ ହଳଦୀ,ନିମ୍ବପତ୍ର
- ଦେବୀଙ୍କ ନିକଟରେ ଫୁଲଝାଡ଼ୁ, ଅଣ୍ଡା ସମର୍ପଣ କଲେ ଶ୍ରଦ୍ଧାଳୁ
- ରାଜରାଜୁଡ଼ା ଅମଳରୁ ପାଳିତ ହେଉଛି ଯାତ୍ରା

ଜୟପୁରରେ ରବିବାର ଆରମ୍ଭ ହୋଇଛି ଝାମିଯାତ୍ରା । ଏନେଇ ଜୟପୁର ସହର ଉତ୍ସବମୁଖର ହୋଇଛି । ଏହି ଯାତ୍ରାରେ ସୀରଲୀ ଦେବୀଙ୍କୁ ପୂଜା କରାଯାଇଥାଏ। ଶିବରାତ୍ରଠାରୁ ଏହି ଯାତ୍ରା ନେଇ ଆରମ୍ଭ ହୋଇଥାଏ ପ୍ରସ୍ତୁତି । ଏହି ଉପଲକ୍ଷେ ଶିବରାତ୍ରି ଦିନ ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ଫାଲଗୁନ ଶୁକ୍ଳପକ୍ଷ ନବମୀ ତିଥି ଅନୁଯାୟୀ ରବିବାର ଝାମି ଦେବୀଙ୍କୁ ସ୍ଥାନୀୟ ବାଙ୍କମଠଠାରେ ଅସ୍ଥାୟୀ ରୂପେ ଏକ ମଣ୍ଡପ କରାଯାଇ ପୂଜା କରାଯାଇଛି। ପରେ ଝାମି ଦେବୀଙ୍କ ଆଜ୍ଞାମାଳ ଅଣାଯାଇ ଗୋଟିଏ ବାଳକକୁ ହଳଦୀ ଲଗାଇ ସାଜସଜ୍ଜା କରାଯାଇଥିଲା। ତାହାକୁ ଏକ ଶୋଭାଯାତ୍ରାରେ ବାଜା ବଜାଇ ସହର ପରିକ୍ରମା କରାଯାଇଛି। ପରମ୍ପରା ଅନୁଯାୟୀ ଯାତ୍ରାଠାରେ ବ୍ୟବସାୟୀମାନେ ଚଣା, ଶାକର, ମୁଢ଼ି ବିକ୍ରି କରୁଛନ୍ତି । ପୂଜକ ବାଜା ବଜାଇ ଫୁଲ ଚାଙ୍ଗୁଡ଼ି ଧରି ସହରର ସାହି ସାହି ବୁଲି ପ୍ରତ୍ୟେକ ଘରେ ହଳଦୀ ଓ ନିମ୍ବପତ୍ର ବାଣ୍ଟିଥିଲେ। ଏହାକୁ ମୁଣ୍ଡରେ ଟିକା ଭାବେ ଲଗାଇଲେ ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ପ୍ରତିବଦଳରେ ଭକ୍ତମାନେ ଚାଉଳ, ପନି ପରିବା ଓ କିଛି ଟଙ୍କା ସେହି ଚାଙ୍ଗୁଡ଼ିରେ ଦେଇଥାନ୍ତି। ଲୋକେ ମାନସିକ ରଖି ଦେବୀଙ୍କ ନିକଟରେ ଫୁଲ ଝାଡ଼ୁ, କୁକୁଡ଼ା ଅଣ୍ଡା, ନଡ଼ିଆ, କଦଳୀ, ଫୁଲ ଆଦି ସମର୍ପଣ କରିଥିଲେ । ରାଜରାଜୁଡ଼ା ଅମଳରୁ ଏହି ପରମ୍ପରା ପାଳନ କରାଯାଉଛି । ଏହା ୧୦ ଦିନ ଧରି ଚାଲିବ । ମା'ଙ୍କ ଅସ୍ଥାୟୀ ମଣ୍ଡପରେ ଲୋକଙ୍କ ପ୍ରବଳ ଭିଡ ଜମୁଛି। ଏହି ଶୋଭାଯାତ୍ରା ୭ ଦିନ ଧରି ସାହି ସାହି ବୁଲିବ । ଶୋଭାଯାତ୍ରାରେ ଯାହା ସବୁ ମିଳିବ ସନ୍ଧ୍ୟାରେ ତାହା ପୂଜାରେ ଲଗାଯିବ । ଯାହା ବଳକା ହୋଇଥାଏ ତାହାକୁ ନବମୀ ଦିନ ପୂଜା ପାଇଁ ସଞ୍ଚୟ କରି ରଖାଯାଇଥାଏ । ଏହି ପୂଜାରେ ବିଶେଷ କରି ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ବେଶି ଭିଡ଼ ଜମିଥାଏ। ଜୟପୁର, ବୈପାରୀଗୁଡା, ବୋରିଗୁମ୍ମା, କୋଟପାଡ ସହ ନବରଙ୍ଗପୁର, ମାଲକାନଗିରି, କୋରାପୁଟରୁ ଭକ୍ତମାନେ ଏହି ଯାତ୍ରା ଦେଖିବାକୁ ଆସିଥାନ୍ତି । ପରମ୍ପରା ଅନୁଯାୟୀ ରାତି ୧୨ ଟାରେ ଝାମି ଦେବୀ ଲାଲ ଘରକୁ ଯାଇ ପୀଠକୁ ଫେରିଥାନ୍ତି।

## ସଂକ୍ଷେପରେ

### ୩ ମହଲାରେ ୨ ଥର ଅଗ୍ନିକାଣ୍ଡ

**ଜୟପୁର,୧।୩(ଡି.ଏନ.ଏ):** ଜୟପୁର ବ୍ଲକ ଆମ୍ବାଗୁଡା ଗ୍ରାମର ଶିବ କରସୁଧା ପଟ୍ଟନାୟକଙ୍କ ଏକ ୩ ମହଲା ଗୃହର ଉପର ମହଲାରେ ଅଗ୍ନିକାଣ୍ଡ ଘଟିଥିଲା । ଖବରପାଇ ଜୟପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରି ଫେରି ଯାଇଥିଲେ । କିଛି ସମୟ ପରେ ଉକ୍ତ ଗୃହରେ ପୁଣି ଅଗ୍ନିକାଣ୍ଡ ହୋଇଥିଲା। ପୁଣି ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ । ବିଦ୍ୟୁତ ଶର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ହୋଇଥିବା ଜଣାଯାଇଛି । ଘରେ ଅଧିକାଂଶ ପ୍ଲାଷ୍ଟିକ ସାମଗ୍ରୀ ଥିବାରୁ ସେଥିରେ ନିଆଁ ଲାଗି ନଷ୍ଟ ହୋଇଯାଇଛି ।

### ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଅସମ୍ମାନ
ଅବହେଳିତ ଅବସ୍ଥାରେ ପ୍ରତିମୂର୍ତ୍ତି



**କାଶୀନଗର,୧।୩(ଡି.ଏନ.ଏ.):** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ମୁଖ୍ୟ ବିନ୍ଧାଣି ମହାରାଜା କୃଷ୍ଣଚନ୍ଦ୍ର ଗଜପତି। ତାଙ୍କରି ନାମରେ ଗଜପତି ଜିଲା ନାମିତ। ହେଲେ ଏଠାରେ ତାଙ୍କୁ ଅସମ୍ମାନ ପ୍ରଦର୍ଶନ କରାଯାଉଥିବା ଦେଖିବାକୁ ମିଳିଛି। ଗଜପତି ଜିଲା କାଶୀନଗର ବ୍ଲକ୍‌ର ଇଦୁଡ଼ି ପ୍ରାଥମିକ ବିଦ୍ୟାଳୟ ସରକାରୀଭାବେ ବନ୍ଦ ହୋଇଥିବାବେଳେ ଏହା ପରିସରରେ ସ୍ଥାପନ ହୋଇଥିବା ମହାରାଜା ଗଜପତିଙ୍କ ପ୍ରତିମୂର୍ତ୍ତି ଅପରିଷ୍କାର ପରିବେଶରେ ଅବହେଳିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏ ନେଇ ଅଞ୍ଚଳର ବୁଦ୍ଧିଜୀବୀ ବିଡିଓ ଏବଂ ବିଇଓଙ୍କୁ ଅବଗତ କରିଛନ୍ତି। ଏହି ବିଦ୍ୟାଳୟ ଗୃହ ଏବେ ପଞ୍ଚାୟତିରାଜ କିମ୍ବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରହିଛି ତାହା ଅସ୍ପଷ୍ଟ ରହିଛି। ହେଲେ ଯେଉଁ ଐତିହାସିକ ପୁରୁଷଙ୍କ ବିନା ଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ସାକାର ସମ୍ଭବ ନ ଥିଲା, ସେଭଳି ବ୍ୟକ୍ତିତ୍ୱଙ୍କ ପ୍ରତି ଅସମ୍ମାନ ସମଗ୍ର ଓଡ଼ିଶା ପାଇଁ ଅସମ୍ମାନର ବିଷୟ। ତେଣୁ ଗଜପତିଙ୍କ ପ୍ରତିମୂର୍ତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ ଦିଗରେ ଶୀଘ୍ର ପଦକ୍ଷେପ ନେବା ପାଇଁ ଇଦୁଡ଼ି ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ବ୍ଲକ୍ ପ୍ରଶାସନ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରି ଉପଯୁକ୍ତ ସ୍ଥାନରେ ସମ୍ମାନର ସହ ଅବସ୍ଥାପିତ କରିବା ପାଇଁ ନିବେଦନ କରାଯାଇଛି।

### ଶ୍ରୀରାମ ଡିଗ୍ରୀ କଲେଜର ୩ ଖେଳାଳି ରାଜ୍ୟସ୍ତରକୁ ମନୋନୀତ



**କାଶୀନଗର,୧।୩(ଡି.ଏନ୍.ଏ.):** ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲାରେ ରହିଛନ୍ତି ଅନେକ ପ୍ରତିଭା। ଏଠାକାର ଛାତ୍ରୀମାନେ କୌଣସି ଗୁଣରେ କମ୍ ନୁହନ୍ତି। ଜିଲାର କାଶୀନଗରସ୍ଥିତ ଶ୍ରୀରାମ ଡିଗ୍ରୀ କଲେଜର ୩ କ୍ରୀଡ଼ା ପ୍ରତିଭା ସୁମିତ୍ରା ଶବର, ମମତା ଶବର ଓ ବିଦ୍ୟାବତୀ ଗମାଙ୍ଗ ଏହା ପ୍ରମାଣିତ କରିଛନ୍ତି। ଏହି ୩ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ସ୍ୱୀକୃତି ମିଳିଥିବା ଜଣାପଡ଼ିଛି। ପ୍ରଥମେ ପାରଳାଖେମୁଣ୍ଡି ଓ ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ଜିଲାର ବାରିପଦାଠାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ରାଜ୍ୟସ୍ତରରେ ଫୁଟ୍‌ବଲ ଖେଳିବାକୁ ମନୋନୀତ ହୋଇଛନ୍ତି। ସୁମିତ୍ରା ବାରିପଦାଠାରେ ଶ୍ରେଷ୍ଠ ଗୋଲକିପର୍ ଭାବେ ପୁରସ୍କୃତ ହୋଇଥିବା କ୍ରୀଡ଼ା ଅଧାପକ ରାମଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଚଳିତ ମାସରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ମ୍ୟାଚ୍‌ରେ ଭାଗ ନେବା ପାଇଁ ୩ ଖେଳାଳି କଟକ ଯିବା କାର୍ଯ୍ୟକ୍ରମ ରହିଛି। ଏମାନେ ଖେଳ ସହ ଭଲ ପାଠ ମଧ ପଢ଼ୁଛନ୍ତି। ସୁମିତ୍ରା ଓ ମମତା ଯଥାକ୍ରମେ ପ୍ରାଣୀବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ(ସମ୍ମାନ) ସହ ପଢ଼ୁଥିବାବେଳେ ବିଦ୍ୟାବତୀ ରାଜନୀତି ବିଜ୍ଞାନ(ସମ୍ମାନ) ସହ ପଢ଼ୁଛନ୍ତି। ଏମାନଙ୍କ ସଫଳତା ପାଇଁ କଲେଜର ଅଧକ୍ଷ, ଅଧାପିକା ଅଧାପକ, ଛାତ୍ରୀଛାତ୍ର ଏବଂ କାଶୀନଗର ନାଗରିକ ମଞ୍ଚ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ଯାଞ୍ଚ ହେବ ବିପଦସଙ୍କୁଳ ବିଦ୍ୟୁତ୍ ତାର

**କୋରାପୁଟ,୧।୩(ସ୍ୱ.ପ୍ର)**

ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ ତାର ଓ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ହେବ ଯାଞ୍ଚ । ଜନବସତି, ସ୍କୁଲ, କଲେଜ ଓ ଅଙ୍ଗନୱାଡ଼ି ନିକଟରେ ଥିବା ବିଦ୍ୟୁତ୍ ତାରକୁ ଯାଞ୍ଚ କରାଯିବ । ଏଥିଲାଗି ସମସ୍ତ ବିଡ଼ିଓ, ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି । କୋରାପୁଟ ସଦର ସଦ୍‌ଭାବନା ଗୃହଠାରେ ଆୟୋଜିତ ବୈଠକରେ ଜିଲାପାଳ ମଧୁସୂଦନ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ବିଦ୍ୟାଳୟ, ହଷ୍ଟେଲ ପରିସରରେ ରହିଥିବା ଟ୍ରାନ୍ସଫର୍ମର ଯାଞ୍ଚ କରିବା ସହିତ ତାହାକୁ ସୁରକ୍ଷା ବାଡ ଭିତରେ ରଖିବାକୁ କୁହାଯାଇଛି । ସେହିପରି ୧୧କି.ଭି ଏବଂ ୩୩ କେ.ଭି ଲାଇନ ଯୋଗୁ ଜନବସତି ପ୍ରତି ବିପଦ ରହିବା ନେଇ ଆଶଙ୍କା ରହିଛି । ତେଣୁ ତୁରନ୍ତ ବିଡିଓ ଯାଞ୍ଚ କରି ଏକ ରିପୋର୍ଟ ପ୍ରସ୍ତୁତ କରି ଦେବାକୁ କୁହାଯାଇଛି । ଉକ୍ତ ରିପୋର୍ଟ ଅନୁଯାୟୀ ପଦକ୍ଷପ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ସାଉଥ୍‌କୋ ଅଧୀକ୍ଷକ ଯନ୍ତ୍ରୀ ମନ୍ମଥନାଥ ମିଶ୍ର, ଏସଡିପିଓ ବଳଭଦ୍ର ଦୀପ, କୋରାପୁଟ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଚାମନ ଲାକ୍ରାଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ ଉପସ୍ଥିତ ଥିଲେ ।

# ୨ ପାଇଲେ ବ୍ଲାକ ବେଲ୍ଟ



ବ୍ଲକ୍‌ବେଲ୍ଟ ପାଇଥିବା କୃତୀ ପ୍ରତିଯୋଗୀଙ୍କ ସହ ଅନ୍ୟମାନେ ।

**ସେମିଳିଗୁଡା, ୧।୩(ସ୍ୱ.ପ୍ର)**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ହର୍ଷଦ କୁମାର ବ୍ଲାକ୍ ବେଲ୍ଟ ହାସଲ କରିଛନ୍ତି । ସେ ଓଡ଼ିଶାର ସର୍ବ କନିଷ୍ଠ ବ୍ଲାକବେଲ୍ଟ ଧାରୀ ରୂପେ କୃତିତ୍ୱ ଅର୍ଜନ କରିଛନ୍ତି । ସେହିପରି ଆୟୁସି ଅର୍ପିତା ମଧ୍ୟ ବ୍ଲାକ୍‌ବେଲ୍ଟ ହାସଲ କରିଛନ୍ତି । ଡ଼ଃ ସିହାନ ହରି ପ୍ରସାଦ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର ରାଜେନ୍ଦ୍ର କେଶରୀ ସାମଲ ଯୋଗ ଦେଇଥିଲେ । କୃତୀତ୍ୱ ହାସଲ କରିଥିବା ଦୁଇ ଛାତ୍ରୀଛାତ୍ରଙ୍କୁ ଡ଼ଃ ସିହାନ ହରି ପ୍ରସାଦ ପଟ୍ଟନାୟକ, ଜିଲା କରାଟେ ସେକ୍ରେଟାରୀ ଦୁର୍ଗା ପ୍ରସାଦ ରଥ, ମହେଶ ବରାଳ, ମୁନା ସିଂ ଲାଲ, ମନୋଜ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ଗଜ ଜ୍ୟୋତି - ୨୦୨୦ ଆରମ୍ଭ



ବିଶ୍ୱବିଦ୍ୟାଳୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ପାରଳାଖେମୁଣ୍ଡି,୧।୩(ସ୍ୱ.ପ୍ର.)**

**ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ**

ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଗଜ ଜ୍ୟୋତି-୨୦୨୦ ଉତ୍ସବ ଆରମ୍ଭ ହୋଇଛି। ଉତ୍ସବର ପ୍ରଥମ ଦିନରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ବହୁ ଦର୍ଶକ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରଦର୍ଶନୀ ମେଢ଼ ସହ ଉତ୍ସବ ଆରମ୍ଭ ହୋଇଥିଲା। କୁଳସଚିବ ଡ. ଅନୀତା ପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ ଡ. ଦ୍ରୀତା ଭଦ୍ରାଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗ୍ରୁପ ଆକ୍ଟ ପ୍ରଦର୍ଶିତ ହୋଇଥିଲା। ସେହିପରି ପାରମ୍ପରିକ ନୃତ୍ୟଗୀତର ଆୟୋଜନ ମଧ କରାଯାଇଥିଲା। ଏଥିରେ ସମସ୍ତ ବିଭାଗୀୟ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ସାଗର ମୌତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପତ୍ରିକା 'ଗଜ ଜ୍ୟୋତି-୨୦୨୦' ଉନ୍ମୋଚିତ ହୋଇଥିଲା। ପ୍ରଥମ ଦିନରେ ମାଷ୍ଟରସେଫ୍ ଏବଂ କୁଇଜ୍ ପ୍ରତିଯୋଗିତା, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଉପରେ ଏକ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ କାର୍ଯ୍ୟକ୍ରମ, କୋଲ୍‌କାତାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପରିବେଷଣ କରାଯାଇଥିଲା। ଶେଷରେ ଅଲିବାବା ଶୋ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡେପୁଟି ରେଜିଷ୍ଟ୍ରାର ପ୍ରଫେସର୍ ସନ୍ଦୀପନ ପାଇନ, ଡ. ଦେବେନ୍ଦ୍ର ରେଡ୍ଡୀ, ଡ. ଏସ୍. ପି. ନନ୍ଦ, ପ୍ରଫେସର ସାଦତ ଅଲ୍ଲୀ, ଡ. ଶୁଭେନ୍ଦୁ ମିଶ୍ର, ଡ. ଶିବାଲା କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ

**ଦାମନଯୋଡ଼ି,୧।୩(ଡି.ଏନ୍.ଏ.)**

କୋରାପୁଟ ଜିଲା ଭେଜାପୁଟସ୍ଥିତ ସତ୍‌ସଙ୍ଗ କେନ୍ଦ୍ରଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଙ୍କ ୧୩୨ ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି । ଏଥିସହ କେନ୍ଦ୍ରର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଉଷା କୀର୍ତ୍ତନ, ସମବେତ ଉଷା ବିନତୀ ପ୍ରାର୍ଥନା, ସଙ୍ଗୀତାଞ୍ଜଳି, ନଗରକୀର୍ତ୍ତନ, ସତ୍‌ସଙ୍ଗ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ଏହି ମହୋତ୍ସବରେ ବାଲେଶ୍ୱରରୁ ରିତିକ୍ ନବକିଶୋର ପତି ମୁଖ୍ୟ ବକ୍ତାଭାବେ ଯୋଗଦେଇ ଭଜନ, ଅଧ୍ୟୟନ, ଅଧ୍ୟାପନ ଓ ଇଷ୍ଟବୃତି ସମ୍ପର୍କରେ ଆଲୋଚନା କରିଥିଲେ । ଏହାକୁ ଜଗନ୍ନାଥ ଖଟୁଆ, ଭଗବାନ ସାହୁ , ପୁରୁଷୋତ୍ତମ ମହନ୍ତ ପରିଚାଳନା କରିଥିଲେ । ଅପରାହ୍ନରେ ମାତୃ ସମ୍ମିଳନୀ ଏବଂ ସମବେତ ସନ୍ଧ୍ୟା ବିନତୀ ପ୍ରାର୍ଥନା କରାଯାଇଥିଲା।

## ଦୃଷ୍ଟିବାଧିତଙ୍କୁ ସହାୟତା

**ପାରଳାଖେମୁଣ୍ଡି,୧।୩(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ନବଜୀବନ ଆଶ୍ରମ ପରିସର ଦୃଷ୍ଟିବାଧିତ ସହାୟତା କେନ୍ଦ୍ର ପକ୍ଷରୁ ଦୃଷ୍ଟିବାଧିତଙ୍କୁ ବିଭିନ୍ନ ସହାୟତା ଦିଆଯାଇଛି। ୬୭ ଅସହାୟ ମହିଳାଙ୍କୁ ରାଶନ୍ ସାମଗ୍ରୀ ଓ ବସ୍ତ୍ର ଆଦି ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ଶିଶୁ ସୁରକ୍ଷା ସମିତି ଅଧକ୍ଷ ବିନୋଦ ଜେନା ଯୋଗ ଦେଇ ଏହାଦ୍ୱାରା ଅନେକ ପରିବାର ଉପକୃତ ହୋଇପାରିବେ ବୋଲି କହିଥିଲେ। ଅନୁଷ୍ଠାନର ସଭ୍ୟ ଡ. କେ. ଶ୍ରୀଧର ଆଚାର୍ଯ୍ୟ, ଭି. ରାମାରାଓ, ନବଜୀବନ ଟ୍ରଷ୍ଟ ପାରଳାଖେମୁଣ୍ଡି ଶାଖା ପରିଚାଳକ ଏସ୍. ଭି. ରାମଣା, ବି.ଜୟଲକ୍ଷ୍ମୀ ଉପସ୍ଥିତ ଥିଲେ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର



ଜଣେ ବୃଦ୍ଧଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

**ଜୟପୁର,୧।୩(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁରସହରର କୁମ୍ଭାରସାହିସ୍ଥିତ ବାଲାଜୀ ମନ୍ଦିରଠାରେ ଦୁଇଟି ଚାରିଟେବଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡାକ୍ତର ହରି କ୍ରିଷ୍ଣା ଏବଂ ସହାୟକ ଜ୍ୟୋତି କୁମାର ୫୦ ଜଣଙ୍କ ଚକ୍ଷୁ ଯାଞ୍ଚ କରିଥିଲେ। ପରେ ଆବଶ୍ୟକ ଅସ୍ତ୍ରୋପ୍ରଚାର ନିମନ୍ତେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ମାଗଣା କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ଜଣାଯାଇଛି। ଏଥିରେ ଉଭୟ ଟ୍ରଷ୍ଟର କର୍ମକର୍ତ୍ତା ଟି.ଭି. ଗିରି, ପଙ୍କଜ ପାତ୍ର, ବି.ମୋହନ ରାଓ, ଯାଦବ ସୁବୁଦ୍ଧି, କ୍ରିଷ୍ଣାବେଣୀ ନନ୍ଦ, ନିରଞ୍ଜନ ମିଶ୍ର, ଡମ୍ବରୁଧର ପାଣିଗ୍ରାହୀ, ଉଦୟ ତ୍ରିପାଠୀ, ସୁବାସ ଜୈନ, ନିରାକାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲ୍ୟ ବିବାହକୁ ରୋକିଲା ଚାଇଲ୍ଡ ଲାଇନ

**ଜୟପୁର,୧।୩(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ସଦରଥାନା ବଡ ମଜ୍ଜୁରମୁଣ୍ଡା ଗ୍ରାମରେ ଆୟୋଜିତ ଏକ ବାଲ୍ୟ ବିବାହକୁ ରବିବାର ଚାଇଲ୍ଡ ଲାଇନ ଏବଂ ପୋଲିସ ମିଳିତ ଭାବେ ବନ୍ଦ କରିଛି । ସେହିପରି ନାବାଳିକାଙ୍କ ମାଆ ବାପାଙ୍କୁ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷାଙ୍କ ନିକଟରେ ହାଜର କରାଯାଇଛି। ନାବାଳିକା ସାବାଳିକା ହେବା ପରେ ବିବାହ କରାଇବାକୁ ସେମାନଙ୍କୁ ତାଗିଦ୍ କରାଯାଇଛି ।

ମଜ୍ଜୁରମୁଣ୍ଡା ଗ୍ରାମର ଜଣେ ୧୭ ବର୍ଷୀୟା ନାବାଳିକାଙ୍କ କୋଟପାଡ ଥାନା ଅଞ୍ଚଳର ଜଣେ ଯୁବକ(୨୦)ଙ୍କ ସହ ବିବାହ ଅନୁଷ୍ଠିତ ହେଉଥିଲା । ଖବରପାଇ ଚାଇଲ୍ଡ ଲାଇନ, ଶିଶୁ ଉନ୍ନୟନ ପ୍ରକଳ୍ପର କର୍ମଚାରୀମାନେ ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଥିଲେ । ସେଠାରେ ଏହି ବିବାହକୁ ରୋକିବା ସହିତ ନାବାଳିକାଙ୍କ ମାଆବାପାଙ୍କୁ ସିଡବ୍ଲୁସି ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ କରାଯାଇଥିଲା । ସୋମବାର ଉଭୟଙ୍କୁ କୋରାପୁଟସ୍ଥିତ ସିଡବ୍ଲୁସି କାର୍ଯ୍ୟାଳୟରେ କାଉନସେଲିଂ କରାଯିବ । ଆଇସିଡିଏସ ସୁପରଭାଇଜର ପ୍ରମିଳା ପାଲକା, ଚାଇଲ୍ଡ ଲାଇନର ପୂର୍ଣ୍ଣିମା ଦାସ, ବାସୁଦେବ ମାଝି, ବାବୁଲା ବସ୍ତିଆ ପ୍ରମୁଖ ଏହି ଚଢାଉ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ବର୍ଷ ଉକ୍ତ ନାବାଳିକାଙ୍କୁ ବିବାହ ନେଇ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ବନ୍ଦ କରାଯାଇଥିଲା । ଏମିତି କି ଉଭୟ ମାଆବାପାଙ୍କୁ କାଉନସେଲିଂ ମଧ୍ୟ କରାଯାଇଥିଲା । ସଚେତନତା ଅଭାବରୁ ଆଦିବାସୀ ସମ୍ପ୍ରଦାୟରେ ଶୀଘ୍ର ବିବାହ ପ୍ରଥା ଚଳି ଆସୁଛି ।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା


ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି ।

**ବୈପାରୀଗୁଡା, ୧।୩ (ଡି.ଏନ୍.ଏ.)**

ସ୍ଥାନୀୟ କାକଲପଡା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ତଥା ଶିଶୁ ସାହିତ୍ୟିକ ସୁଭାସ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ଆଡ୍‌ଭୋକେଟ ଗୌରଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଆର୍‌ସିସି ସୁରେଶ ଚନ୍ଦ୍ର ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପବନ୍ଧୁ ପାତ୍ର, ଶିକ୍ଷକ ବି. ନଳିନୀ କୁମାର, ସୀମାଞ୍ଚଳ ପାତ୍ର, ସଦାନନ୍ଦ ପାତ୍ର, କୃଷ୍ଣଚନ୍ଦ୍ର ଦେରୁଲ୍ଲ, ଗୁରୁପଦ ପ୍ରଧାନୀ, ଶରତ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁରେଶ ଦାଶ ଧନ୍ୟବାଦ ଦେଇଥିଲେ ।

# ପାଣି ପାଇଁ ଦେଢ଼ କିଲୋମିଟର ଯାଉଛନ୍ତି ମହିଳା

**ପାରଳାଖେମୁଣ୍ଡି,୧।୩(ସ୍ୱ.ପ୍ର.)**

**ଚିତ୍ରକାର ଲକ୍ଷ୍ମୀପୁର ଗାଁରେ ନାହିଁ ପାନୀୟଜଳ ବ୍ୟବସ୍ଥା**
- ଖରାଦିନ ଆସିଲେ ବଢ଼ୁଛି ସମସ୍ୟା
- ବାରମ୍ବାର ଅଭିଯୋଗ ପରେ ବି ହେଉନି ସମାଧାନ

ସହର ଓ ଗ୍ରାମାଞ୍ଚଳରେ ସମସ୍ତଙ୍କୁ ବିଶୁଦ୍ଧ ତଥା ସୁରକ୍ଷିତ ପାନୀୟଜଳ ଯୋଗାଇଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ପ୍ରକଳ୍ପ ଏବଂ ଯୋଜନା କାର୍ଯ୍ୟକାରୀ କରାଯାଉଛି। ହେଲେ ଆଦିବାସୀ ଅଧ୍ୟୁଷିତ ଜିଲାରେ ଏପରି ଅନେକ ଗ୍ରାମ ରହିଛି, ଯେଉଁଠାରେ ଏବେବି ଲୋକେ ପାନୀୟଜଳ ଟୋପାଏ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ଗଜପତି ଜିଲା କାଶୀନଗର ବ୍ଲକ୍ ଅଧୀନ ଚିତ୍ରକାର ଲକ୍ଷ୍ମୀପୁର ଗାଁରେ ଦେଖିବାକୁ ମିଳିଛି ଏପରି ସ୍ଥିତି।

କାଶୀନଗର ବ୍ଲକ୍‌ର ଏକ ବଡ଼ ଗ୍ରାମଭାବେ ପରିଚିତ ଏହି ଗାଁ। ଏଠାରେ ୭ ସାହିରେ ୨୫୦ ପରିବାରରେ ବସବାସ କରୁଛନ୍ତି ୧୧ଶହରୁ ଉର୍ଦ୍ଧ୍ୱ ଲୋକ। ହେଲେ ପାନୀୟଜଳର ଅଭାବ ଗାଁର ପ୍ରମୁଖ ସମସ୍ୟା ହୋଇଛି। ବିଶେଷକରି ଖରାଦିନ ଆସିଲେ ଗ୍ରାମବାସୀ ପାନୀୟଜଳ ପାଇଁ ଡହଳବିକଳ ହୁଅନ୍ତି। ଏ ନେଇ ଅଭିଯୋଗ ହେବା ପରେ କିଛି ବର୍ଷ ତଳେ ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପାନୀୟଜଳର ବ୍ୟବସ୍ଥା କରାଯାଇଥିଲା। ବୋର୍ ଖୋଳାଯିବା ସହ ପମ୍ପହାଉସ ଓ ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ବସାଇ ଷ୍ଟାଣ୍ଡପୋଷ୍ଟ ଯୋଗେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ଗାଁର ପ୍ରତ୍ୟେକ ସାହି ଏବଂ ରାସ୍ତାକଡ଼ରେ ପ୍ରାୟ ୧୧ଟି ଷ୍ଟାଣ୍ଡ୍ ପାଇପ୍ ସ୍ଥାପନ କରାଯାଇଥିଲା। ହେଲେ କିଛିଦିନ ପରେ ଷ୍ଟାଣ୍ଡ୍ ସେଗୁଡ଼ିକ ଆଉ କାର୍ଯ୍ୟ କରି ନ ଥିଲା। ଗାଁର ବିଭିନ୍ନ ସ୍ଥାନରେ ୪ ନଳକୂପ ଓ ୪ କୂଅ ରହିଛି। ହେଲେ ଦୁର୍ଗନ୍ଧ ଏବଂ ଦୂଷିତ ପାଣି ଯୋଗୁ ଏତାକୁ ପିଇ ଲୋକେ ପେଟରୋଗରେ ପଡୁଛନ୍ତି। ତେଣୁ ତାହାକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିବାବେଳେ ଦେଢ଼ କିଲୋମିଟର ଦୂରରେ ରହିଥିବା ଏକ କୂଅ ପାନୀୟଜଳର ସାହାରା ହୋଇଛି। ହେଲେ ଉକ୍ତ କୂଅ ମଧ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଗ୍ରାମବାସୀଙ୍କ ପକ୍ଷରୁ ସୁନୀତା ଛିଞ୍ଚାଣୀ, ଯମୁନା ନୀଳାପୁ, ରାମନା କୋଲାର ପ୍ରମୁଖ ପ୍ରକାଶ କରିଛନ୍ତି। ପାନୀୟଜଳ ସଙ୍କଟକୁ ନେଇ ଗ୍ରାମବାସୀ ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ପ୍ରଶାସନକୁ ବହୁବାର ଲିଖିତଭାବେ ଜଣାଇଛନ୍ତି। କିନ୍ତୁ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନ ପକ୍ଷରୁ ଶୀଘ୍ର ସମସ୍ୟାର ସମାଧାନ ନ କରାଗଲେ ଆଗାମୀ ଦିନରେ ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଗୋବିନ୍ଦ ମିଶାଲ, ଶ୍ୟାମ ନୀଳାପୁ, ଚିନ୍ତାଡା କାର୍ତ୍ତିକ ପ୍ରମୁଖ କହିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ମାର୍ଚ୍ଚ ୨ /୨୦୨୦ Rayagada, Monday, March 2 / 2020

# ଜିଲାର ସବୁ ମଣ୍ଡି, ମିଲ୍ ଉପରେ ଚଢ଼ାଉ

**ମାଲକାନଗିରି, ୧।୩ (ଡି.ଏନ.ଏ.)**

ମାଲକାନଗିରି ଜିଲାର ବିଭିନ୍ନ ବ୍ଲକର ୬୨ଟି ମଣ୍ଡି ଏବଂ ୨୩ଟି ଧାନ ମିଲ୍ ଉପରେ ରବିବାର ଚଢାଉ ହୋଇଛି। ବିଭାଗୀୟ ଅଧିକାରୀମାନେ ୧୬ଟି ଦଳରେ ବିଭକ୍ତ ହୋଇ ଏହି ଚଢାଉ କରିଛନ୍ତି। ମିଲରମାନଙ୍କୁ ନିର୍ଦ୍ଧାରିତ ମଣ୍ଡିରୁ କେତେ ପରିମାଣର ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଥିଲା, ସରକାରଙ୍କ ନିୟମ ଅନୁଯାୟୀ ପ୍ରତ୍ୟେକ ମିଲର କେତେ ଟଙ୍କା ସିକ୍ୟୁରିଟି ଡିପୋଜିଟ୍ କରିଥିଲେ, ଏବେ ନିୟମ ଅନୁସାରେ ମିଲ୍‌ଗୁଡିକରେ ଧାନର ପରିମାଣ ଠିକ୍ ଅଛି କି ନାହିଁ ତଦାରଖ ଲାଗି ମିଲଗୁଡିକ ଉପରେ ଚଢାଉ କରାଯାଇଥିଲା। ଏହି ସମୟରେ ଧାନ ବସ୍ତା ଗଣାଯିବା ସହ ସରକାରୀ ନଥିପତ୍ର ଅନୁଯାୟୀ ସବୁ ଠିକ୍‌ଅଛି କି ନାହିଁ ତର୍ଜମା ହୋଇଥିଲା। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଠିକ୍ ରିପୋର୍ଟ ଆସି ନ ଥିବା ସହକାରୀ ଯୋଗାଣ ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି। ରିପୋର୍ଟ ଆସିଲେ ସବିଶେଷ ତଥ୍ୟ ଜଣାପଡିବ।


ଗୋଦାମରେ ଅଧିକାରୀମାନେ ଧାନ ଯାଞ୍ଚ କରୁଛନ୍ତି ।

ତେବେ ଏମଭି-୧୧ ବାପ୍‌ପାଲି ମଣ୍ଡିରେ ଗଚ୍ଛିତ ଥିବା ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ କାହାର ଜଣାପଡିନାହିଁ। ଏହି ଧାନର କେହି ଦାବିଦାର ନ ଥିବା ଜଣାପଡିଛି ବୋଲି ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ କେଉଁ କାରଣରୁ ଟୋକନ୍ ନ ପାଇ ମଣ୍ଡିଗୁଡିକରେ ଧାନ ରଖାଯାଇଛି ସେନେଇ ଅନ୍ୟ ଏକ ଟିମ୍ ବିଭିନ୍ନ ଭାଗରେ ବିଭକ୍ତ ହୋଇ ମଣ୍ଡିଗୁଡିକରେ ଯାଞ୍ଚ କରିଛନ୍ତି। ଗଚ୍ଛିତ ଧାନ କାହାର, ସେ ଚାଷୀ ଟୋକନ୍ ପାଇଛନ୍ତି କି ନାହିଁ, ବିନା ଟୋକନ୍‌ରେ ମଣ୍ଡିକୁ କିପରି ଧାନ ଆସିଲା ସେ ସମ୍ପର୍କରେ ଧରପଗଡ ଚାଲିଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଧାନ ମଣ୍ଡିରେ ଧାନ ବିକ୍ରି ସମସ୍ୟାକୁ ନେଇ ଅନେକ ସମୟରେ ଚାଷୀ ରାସ୍ତାରୋକୋ କରି ଆନ୍ଦୋଳନ କରୁଥିଲେ । ଏପରିକି ମାଲ୍ୟବନ୍ତ ମହୋତ୍ସବ ସମୟରେ ରାସ୍ତା ଅବରୋଧ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକରେ ଧାନ ବସ୍ତା ରଖି ଉଭୟ ଫାଟକକୁ ତାଲା ପକାଇଥିଲେ। ଶନିବାର ନକଲି ଭାଗଚାଷୀ ଅଭିଯୋଗରେ ଶିଖିପାଲି ଲ୍ୟାମ୍ପର ପୂର୍ବତନ ପରିଚାଳକ ଗିରଫ ହୋଇଛନ୍ତି। ଏଥିରେ ସମ୍ପୃକ୍ତ ଅନେକ ବ୍ୟବସାୟୀ ଏବଂ କର୍ମଚାରୀ ଫେରାର୍ ହୋଇଯାଇଛନ୍ତି। ରବିବାର ପ୍ରଶାସନର ଅଚାନକ ଚଢାଉ ଯୋଗୁ ଦଲାଲ୍ ଏବଂ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଛାନିଆ ହୋଇପଡିଛନ୍ତି।

**ବେଆଇନ ଧାନ ଗଚ୍ଛିତ ଅଭିଯୋଗ**
- ଏମ୍‌ଭି-୧୧ ମଣ୍ଡିରେ ଥିବା ଧାନର କେହି ଦାବିଦାର ନାହାନ୍ତି
- ରିପୋର୍ଟ ଆସିଲେ ସବିଶେଷ ଜଣାପଡ଼ିବ
- ଦୁର୍ନୀତିଗ୍ରସ୍ତ କର୍ମଚାରୀ ଛାନିଆ

# ୩୦ ବର୍ଷ ଅଧ୍ୟାପନା କରି ପାଇନାହାନ୍ତି ପ୍ରାପ୍ୟ

**ମାଲକାନଗିରି, ୧।୩(ସ୍ୱ.ପ୍ର.)**

ଜଣେ ଅଧ୍ୟାପକ ୩୦ ବର୍ଷ ଧରି ଅଧ୍ୟାପନା କରିଥିଲେ ମଧ୍ୟ ଏଯାଏ ତାଙ୍କୁ ଅନୁଦାନ ମିଳିନାହିଁ। ସମାଜବିଜ୍ଞାନ ବିଭାଗରେ ଅଧ୍ୟାପନା କରି ସେ ଏବେ ଅବସର ନେଇସାରିଲେଣି। ସେ ହେଉଛନ୍ତି ଅଧ୍ୟାପକ ଡ. ସରୋଜ କୁମାର ଦାଶ। ବିଶ୍ୱଭାରତୀ ଶାନ୍ତିନିକେତନରୁ ଏମ୍‌ଏ ପାସ କରି ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମହାବିଦ୍ୟାଳୟରେ ୧୯୮୯ରୁ ୨୦୧୯ ପର୍ଯ୍ୟନ୍ତ ସେ ଅଧ୍ୟାପନା କରିଛନ୍ତି। ଅଧ୍ୟାପନା ସମୟ ମଧ୍ୟରେ ସେ ସରକାରଙ୍କଠାରୁ କୌଣସି ଅର୍ଥ ପାଇନାହାନ୍ତି। ନିକଟରେ ସେ ଅବସର ଗ୍ରହଣ କରିଥିଲେ ମଧ୍ୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ତାଙ୍କର ଅବସରକାଳୀନ କୌଣସି ପ୍ରାପ୍ୟ ଦେଇନାହାନ୍ତି। ଫଳରେ ସେ ଏବେ ଦୁର୍ବିଷହ ଜୀବନ ଅତିବାହିତ କରୁଛନ୍ତି। ତାଙ୍କର ଏପରି ପରିସ୍ଥିତିରେ କେତେକ ତାଙ୍କୁ ସେ ରହୁଥିବା ସରକାରୀ ଗୃହରୁ ହଟାଇ ଅନ୍ୟତ୍ର ପଠାଇବା ଲାଗି ମସୁଧା କରିଥିଲେ ମଧ୍ୟ ଏଥିରେ ସଫଳ ହୋଇନାହାନ୍ତି। ମାଲକାନଗିରି ଜିଲାପାଳ ଏହା ଜାଣିବା ପରେ ତାଙ୍କୁ ସେହି ଗୃହରେ ରହିବା ପାଇଁ ସୁଯୋଗ ଦେଇଛନ୍ତି। ଦାଶ ଜଣେ ଆବାଳ ବ୍ରହ୍ମଚାରୀ। ଜୀବନସାରା କର୍ମକୁ ନିଜର ନିଶା ଓ ପେସା ଭାବେ ଗ୍ରହଣ କରିଥିଲେ ସେ। ଏପରି ଜଣେ ଅଧ୍ୟାପକଙ୍କୁ ନ୍ୟାୟ ଦେଇ ତାଙ୍କ ବକେୟା ପ୍ରାପ୍ୟ ସରକାର ତୁରନ୍ତ ପ୍ରଦାନ କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।


ଅଧ୍ୟାପକ ସରୋଜ ।

## ସଂକ୍ଷେପରେ

### ୧୦ ଗ୍ରାମର ଗୋରୁଙ୍କୁ ଟୀକାକରଣ

ଚିତ୍ରକୋଣ୍ଡା, ୧।୩(ଡି.ଏନ.ଏ.)- ଚିତ୍ରକୋଣ୍ଡାରେ ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିମିଟେଡ଼ ପକ୍ଷରୁ ୧୦ଟି ଗ୍ରାମର ଗୋରୁଙ୍କୁ ମାଗଣାରେ ଟୀକାକରଣ କରାଯାଇଛି। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଫୁଲପଦର, ପଲ୍ଲିଗୁଡା, ବନଗୁରୁ, ବନଗୁରୁ କଲୋନୀ, ଲାମ୍ବା ସିଂଙ୍ଗ, ସନ୍ୟାସୀଗୁଡା, ଆଞ୍ଜେରିଆଗୁଡା, ଖିଲିଗୁଡା, ପଣସଗନ୍ଧୀ ଗ୍ରାମରେ ଗୋରୁଙ୍କୁ ଏହି ଟୀକାକରଣ କରାଯାଇଛି। ଏଥିରେ ଚିତ୍ରକୋଣ୍ଡାସ୍ଥିତ ପ୍ରାଣୀ ଚିକିତ୍ସକ ସହଯୋଗ କରିଥିଲେ।

### ଗଞ୍ଜାମ ଜିଲା: ୨୪ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିବ କାୟାକଳ୍ପ ପୁରସ୍କାର

ଛତ୍ରପୁର, ୧।୩(ଡି.ଏନ.ଏ.)-ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଓ ସଂକ୍ରମଣ ନିୟନ୍ତ୍ରଣ ପଦକ୍ଷେପକୁ ଦେଖି ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରତିବର୍ଷ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି। ୨୦୧୯-୨୦ ବର୍ଷ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୪ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିବ ବୋଲି ଶନିବାର ଘୋଷଣା ହୋଇଛି। ଏ ନେଇ ଓଡିଶା ଏନ୍‌ଏଚଏମ୍ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ର ମିଶନ ଡାଇରେକ୍ଟର ଶାଳିନୀ ପଣ୍ଡିତଙ୍କ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ)ଙ୍କ ନିକଟକୁ ଶନିବାର ଚିଠି ଆସିଛି। ଉପଖଣ୍ଡ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ୨୫ ପ୍ରକାର ସ୍ୱାସ୍ଥ୍ୟସେବାକୁ ଆଧାର କରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଗାଇଡଲାଇନ୍ ଅନୁଯାୟୀ ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଅନୁଧାନ କରାଯାଇଥିଲା। ସ୍ୱଚ୍ଛତା, ସଂକ୍ରମଣ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଥିବାରୁ ରାଜ୍ୟସ୍ତରୀୟ କାୟାକଳ୍ପ ମନୋୟନ କମିଟି ନିଷ୍ପତ୍ତି ପ୍ରକାରେ ୨୪ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ସେଥିମଧ୍ୟରେ ବ୍ରହ୍ମପୁରସ୍ଥିତ ଜିଲା ହେଡକ୍ୱାର୍ଟର ସିଟି ହସ୍ପିଟାଲ, ଛତ୍ରପୁର ଓ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ, ବ୍ରହ୍ମପୁରର ୭ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବ୍ରହ୍ମପୁର ସିଟି ହସ୍ପିଟାଲ ୧୨ନଂ. ସ୍ଥାନରେ ରହି କାୟାକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଛି। ସେହିପରି ଛତ୍ରପୁର ହସ୍ପିଟାଲ, ଭଞ୍ଜନଗର ହସ୍ପିଟାଲ, ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ସେହିପରି ଗୌଡଗୋଠ, ରାହାଡ଼ା, ପାଣ୍ଡିରିପଦା, ଭେଟନଈ, ମାଣିତରା, ମଣିକ୍ୟାପୁର, ଗଞ୍ଜାମ, ସିଦ୍ଧେଶ୍ୱର, ସୋମା ଓ ଭଞ୍ଜବିହାରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଅନ୍ୟପକ୍ଷରେ ରାଜ୍ୟସ୍ତରରେ ବ୍ରହ୍ମପୁର ସହରାଞ୍ଚଳର ୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଛି। ସଫଳତା ପାଇଁ ଗଞ୍ଜାମ ଜିଲାପାଳ, ସିଡିଏମଓ, ସମସ୍ତ ବିଡିଓ, ତହସିଲଦାର, ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଓ ଷ୍ଟାଫ୍‌ମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଶ୍ରେୟ ଦେଇଛନ୍ତି।

### ପତ୍ରଲିଖନ ପ୍ରତିଯୋଗିତା

ଆସିକା, ୧।୩(ଡି.ଏନ୍.ଏ.) ଆସିକା ଡାକମଣ୍ଡଳ ପକ୍ଷରୁ ରବିବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପତ୍ରଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'ଆମେ ଯେଉଁ ପୃଥିବୀରେ ବାସ କରୁଛେ ସେ ସମ୍ପର୍କରେ ଜଣେ ବରିଷ୍ଠ ନାଗରିକଙ୍କୁ ପତ୍ର' ବିଷୟ ଉପରେ ଆଧାରିତ ଏହି ପ୍ରତିଯୋଗିତାରେ ଆସିକା, ଭଞ୍ଜନଗର ଆଦିରୁ ୧୫ବର୍ଷ ବୟସରୁ କମ ବୟସର ୨୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମଣ୍ଡଳ ଡାକ ଅଧୀକ୍ଷକ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ସହକାରୀ ଅଧୀକ୍ଷକ ସି.ଏଚ. ଜବାହାର ରାଓ, ଲିଙ୍ଗରାଜ ପ୍ରଧାନ, ବସନ୍ତ କୁମାର ପାଠୀ, ପ୍ରତାପ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ଜୁଆ ଆଡ୍ଡାରୁ ୫ ଗିରଫ

ଆସିକା, ୧।୩ (ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ ବିଞ୍ଚଣା ଗ୍ରାମ ଆମ୍ବତୋଟାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଶନିବାର ସନ୍ଧ୍ୟାରେ ପୋଲିସ ଚଢାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪,୨୭୦ ଟଙ୍କା ଓ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଗାଙ୍ଗପୁର ଥାନାରେ ନଂ.୪୮/୨୦ରେ ଏକ ମାମଲା ରୁଜୁ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି।

# ବଡ଼ଯାତ୍ରା ପାଇଁ କୋରୁକୋଣ୍ଡା ଉତ୍ସବମୁଖର

**କୋରୁକୋଣ୍ଡା, ୧।୩(ଡି. ଏନ. ଏ)**

ମାଲକାନଗିରି ଜିଲାରେ ପ୍ରସିଦ୍ଧ ବଡଯାତ୍ରା ଅନୁଷ୍ଠିତ ହେଉଛି। ଦେବୀ ମାଉଲି ମା' ୨୮ରେ ପୂଜାର୍ଚ୍ଚନା ପରେ ପାହାଡ ତଳେ ରାତ୍ରିଯାପନ କରିଥିଲେ। ୨୯ରେ ଦିନତମାମ ପାହାଡ ତଳେ ପୂଜାର୍ଚ୍ଚନା ପରେ ପ୍ରାଚୀନ ପୀଠ ଅହକପଖା ଠାକୁର ଠାକୁରାଣୀଙ୍କ ପୀଠରୁ ଆସିଥିବା ଲାଠି ସହ ଦେବଦେବୀଙ୍କ ଦିନତମାମ ପୂଜାପାଠ ହୋଇଥିଲା। ପରେ ମା' ପୀଠରୁ ବାହାରି ମାଣ୍ଡିଆଭଟାରେ ପହଞ୍ଚି ପୂଜା ପାଇଥିଲେ। ରବିବାର ମାଣ୍ଡିଆଭଟାରେ ଦିନତମାମ ଶ୍ରଦ୍ଧାଳୁଙ୍କ ଦର୍ଶନ ପରେ ସନ୍ଧ୍ୟାରେ ମା' ମାଉଲିଙ୍କୁ ଏକ ଶୋଭାଯାତ୍ରାରେ ମାଣ୍ଡିଆଭଟାରୁ କୋରୁକୋଣ୍ଡାସ୍ଥିତ ମା'ମାଉଲିଙ୍କ ମନ୍ଦିରକୁ ନିଆଯିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ବଡଯାତ୍ରା ନିମନ୍ତେ ଏହି ଅଞ୍ଚଳରେ ମୀନାବଜାର ଏବଂ ବ୍ୟବସାୟୀମାନେ ଆସି ଦୋକାନ ବଜାର ଖୋଲିଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧା ଲାଗି ଜିଲା ତଥା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାଥମିକ ଚିକିତ୍ସା ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ସେବା ଓ ପୋଲିସ ନିୟୋଜିତ ହୋଇଛନ୍ତି। ଏହି ଅବସରରେ କୋରୁକୋଣ୍ଡା ଗ୍ରାମକୁ ରଙ୍ଗବେରଙ୍ଗର ଆଲୋକମାଳା ଓ ତୋରଣରେ ସଜାଯାଇଛି। ସରପଞ୍ଚ ବଂଶୀଧର ମୁଦୁଲି ଏବଂ ସତ୍ୟ ପାଣିଗ୍ରାହୀଙ୍କ ପକ୍ଷରୁ ଗ୍ରାମରେ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା।


ମା' ମାଉଲିଙ୍କୁ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ନେଉଛନ୍ତି ।

# ରାଧାକୃଷ୍ଣ ମନ୍ଦିରର ସ୍ଥାୟୀ କମିଟି ଗଠିତ

**ଚିତ୍ରକୋଣ୍ଡା, ୧।୩(ଡି.ଏନ.ଏ.)**

ଆସନ୍ତା ଦୋଳ ପୂର୍ଣ୍ଣିମା ଅବସରରେ ଚିତ୍ରକୋଣ୍ଡା ହରିଓମ କଲୋନୀସ୍ଥିତ ରାଧାକୃଷ୍ଣ ମନ୍ଦିର ପକ୍ଷରୁ ସୋମବାରଠାରୁ କଳସ ଶୋଭାଯାତ୍ରା ସହ ସାପ୍ତାହିକ ଭାଗବତ ପାରାୟଣ ହେବ। ସ୍ଥାନୀୟ ବନଦୁର୍ଗା ମନ୍ଦିର ନିକଟସ୍ଥ ନଦୀ କୂଳରୁ ମହିଳାମାନେ କଳସରେ ପାଣି ଉଠାଇ ଶୋଭାଯାତ୍ରାରେ ମନ୍ଦିରକୁ ଆଣିବେ। ଏନେଇ ନିକଟରେ ସୋନୁ ଖିଲଙ୍କ ଉଦ୍ୟମରେ ଏକ ସ୍ଥାୟୀ କମିଟି ଗଠନ କରାଯାଇଛି। ଉକ୍ତ କମିଟିକୁ ସଭାପତି ଭାବରେ ବିଶ୍ୱନାଥ ମଲିକ, ଉପସଭାପତି ଅମିତ କୁମାର ଅଗ୍ରୱାଲ, ସମ୍ପାଦକ ଶିଶିର ବର୍ମନ, ସହ ସମ୍ପାଦକ ସଦନ ଖରା, କୋଷାଧକ୍ଷ ଅଜୟ ସିକଦାର, ଯୁଗ୍ମ କୋଷାଧକ୍ଷ ରୂପେ ସତ୍ୟବାଦୀ ବେହେରା ମନୋନୀତ ହୋଇଛନ୍ତି। ମନ୍ଦିର ଉପଦେଷ୍ଟା କମିଟିରେ ଦେବେନ୍ଦ୍ର ଦାସ, ଶିବ ପ୍ରସାଦ ଖରା, ଇନ୍ଦ୍ର ଲାମା, ସୁବଳ ମଣ୍ଡଳ, ରବୀନ୍ଦ୍ର ନାରାୟଣ ରଥ, ଭୋଳାନାଥ ମଲିକ ଅଛନ୍ତି। କଳସ ଶୋଭାଯାତ୍ରା ସହ ସାପ୍ତାହିକ ଭାଗବତ ପାରାୟଣ ପାଇଁ କର୍ମକର୍ତ୍ତାଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି।

# ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କାଳିମେଳା, ୧।୩(ଡି.ଏନ.ଏ.)**

ମାଲକାନଗିରି ଜିଲା କାଳିମେଳା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧୀନରେ କାର୍ଯ୍ୟରତ ଥିବା ୨ ଜଣ ଶିକ୍ଷକଙ୍କୁ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ସଭା ହୋଇଥିଲା। ତେଲରାଇ ପଞ୍ଚାୟତ ଅଧୀନ ଏମପିଭି-୭୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଧାନଶିକ୍ଷକ ପଠାଣି ବାରିକ ଏବଂ ଉଣ୍ଡୁକୋଣ୍ଡା ପଞ୍ଚାୟତର ଏମପିଭି-୫୨ସ୍ଥିତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାମୋଦର ମହାରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ସଭାରେ ଶିକ୍ଷକ ସଂଘ ସଭାପତି ଶିକ୍ଷକ ଧ୍ରୁବ ଚରଣ ନାୟକ ସଭାପତିତ୍ୱ କରିଥିଲେ। କାଳିମେଳା ବ୍ଲକ ଅଧ୍ୟକ୍ଷ ମାଲା ମାଡି ମୁଖ୍ୟଅତିଥି, ସମ୍ପାଦକ ଜୟନ୍ତ କୁମାର ସାମଲ, ଶିକ୍ଷକ ଅକ୍ଷୟ କୁମାର ପଣ୍ଡା ସମ୍ମାନିତ ଅତିଥି ଏବଂ ବ୍ଲକ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକ ଅନ୍ୟତମ ବକ୍ତାରୂପେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ୨ ଶିକ୍ଷକ ତାଙ୍କ ସମୟର କିଛି ଅଭୁଲା ସ୍ମୃତି ସମ୍ପର୍କରେ ମତ ରଖିଥିଲେ। ଶିକ୍ଷକ ପଠାଣିବାରିକ ୧୯୮୮ରେ କାଳିମେଳା ବ୍ଲକରେ ଶିକ୍ଷକତା ଆରମ୍ଭ କରିଥିଲେ। ୧୨ ବର୍ଷ ସିଆରସିସି ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ତାଙ୍କ ଘର କଟକ ଜିଲା ବଡମ୍ବା ଅଞ୍ଚଳରେ। ସେହିପରି କେନ୍ଦ୍ରାପଡା ଜିଲାର ଶିକ୍ଷକ ଦାମୋଦର ମହାରଣା ମଧ୍ୟ ୧୯୮୮ରେ ପଡିଆ ବ୍ଲକରେ ଶିକ୍ଷକତା ଆରମ୍ଭ କରିଥିଲେ। ଏହି ୨ ଶିକ୍ଷକ ଦାୟିତ୍ୱବାନ, ନିଷ୍ଠାପର ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ନବ କିଶୋର ମଲ୍ଲିକ, ଶିକ୍ଷକ ଲମ୍ବୋଦର ବିଶ୍ୱାଳ, ପ୍ରଭାକର ବେହେରା, ରତ୍ନାକର ସାମଲ, ନୀଳାମ୍ବର ନାୟକ, ରବିନ୍ଦ୍ର ନାୟକଙ୍କ ସହ ଶତାଧିକ ଶିକ୍ଷକ ଉପସ୍ଥିତ ଥିଲେ। ସୁଶାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


ଅବସର ଗ୍ରହଣ କରିଥିବା ୨ ଶିକ୍ଷକ ।

# ବ୍ୟାଙ୍କ କର୍ମଚାରୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ, ୧।୩**

ବେକରେ ଫାଶି ଲଗାଇ ଜଣେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଗେଟବଜାର ଗୋଲାପଲ୍ଲୀ ସାହିର ଅନୁରାଗ ଶତପଥୀ(୩୧)। ମେଡିକାଲ ଫାଣ୍ଡି ପୋଲିସ ରବିବାର ମୃତଦେହ ଜବତ କରି ନଂ.୧୦୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନୁରାଗ ବ୍ରହ୍ମପୁରରେ ଥିବା ଏସ୍‌ବିଆଇ ମୁଖ୍ୟ ଶାଖାରେ କାମ କରନ୍ତି। ସେ ଗତ ୨ ମାସ ତଳେ ବିବାହ କରିଥିଲେ। କୌଣସି କାରଣକୁ କେନ୍ଦ୍ରକରି ଅନୁରାଗ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ଶନିବାର ବିଳମ୍ବିତ ରାତିରେ ସେ ତାଙ୍କ ବେଡ଼ ରୁମରେ ଥିବା ଫ୍ୟାନରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ଅନୁରାଗ ଝୁଲୁଥିବା ଦେଖି ତାଙ୍କ ସ୍ତ୍ରୀ ଚିତ୍କାର କରିଥିଲେ। ଉକ୍ତ ଘରେ ରହୁଥିବା ବାପା ନିରଞ୍ଜନ ତାଙ୍କ ପୁଅଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

**କୁଡୁମୁଲୁଗୁମ୍ମା, ୧।୩(ଡି.ଏନ୍.ଏ.)**

କୁଡୁମୁଲୁଗୁମ୍ମା ନିକଟସ୍ଥ ବିଙ୍ଗୁଗୁଡ଼ା ଗ୍ରାମର ଆନ୍‌ସୁ ପାଙ୍ଗୀଙ୍କ ପୁଅ ମିଶ୍ର ପାଙ୍ଗୀ ଜଣେ ମାନସିକ ବିକୃତ ଯୁବକଭାବେ ପରିଚିତ। ସେ ରବିବାର ହଠାତ୍ ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଟ୍ରାନ୍ସଫର୍ମରକୁ ଛୁଇଁ ଦେଇଥିଲେ। ଫଳରେ ବିଦ୍ୟୁତ୍ ଆଘାତରେ ସେଠାରେ ଅଚେତ ଅବସ୍ଥାରେ ପଡିଯାଇଥିଲେ । ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ପହଞ୍ଚି ସ୍ଥାନୀୟ ବିଦ୍ୟୁତ୍ ସବ୍‌ଷ୍ଟେଶନକୁ ଲାଇନ କାଟିବା ପାଇଁ ଫୋନ୍ କରିଥିଲେ। ଲାଇନ କାଟିବା ପରେ ମିଶ୍ର ବିଦ୍ୟୁତ୍ ଆଘାତରୁ ବର୍ତ୍ତିଥିଲେ। ସେତେବେଳକୁ ତାଙ୍କ ଶରୀର ୪୦ ପ୍ରତିଶତ ପୋଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା କରିବା ପରେ ଡାକ୍ତର ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ଟ୍ରାନ୍ସଫର୍ମର ବସିଥିବା ଅଞ୍ଚଳରେ କୌଣସି ସୁରକ୍ଷା ପାଚେରି କରାଯାଇନାହିଁ। ଫଳରେ ଏଭଳି ଘଟଣା ବିଭିନ୍ନ ସମୟରେ ଘଟୁଛି। ବିଦ୍ୟୁତ୍ ବିଭାଗ ଏହାକୁ ଗୁରୁତର ସହ ନେଇ ଟ୍ରାନ୍ସଫର୍ମର ଚାରିପଟେ ପାଚେରି ପକାଇବାକୁ ସାମାଜିକ କର୍ମୀ ଗୋପୀ ପାଙ୍ଗୀ ଦାବି କରିଛନ୍ତି।



- ଖୁଣ୍ଟରେ ଲାଗିଥିବା ଟ୍ରାନ୍ସଫର୍ମରକୁ ଛୁଇଁ ଦେଇଥିଲେ
- ଶରୀରର ୪୦ ପ୍ରତିଶତ ପୋଡିଯାଇଛି
- ମାଲକାନଗିରିରେ ଚିକିତ୍ସାଧୀନ ଅଛନ୍ତି

# ଅବହେଳିତ ଅବସ୍ଥାରେ ମାଲକାନଗିରି ଜିଲାର ଓରକେଲ ପୁରାତନ ଶୈବପୀଠ

**କୋରକୋଣ୍ଡା, ୧।୩(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ପୋଟରେଲ ପଞ୍ଚାୟତର ପୁରୁଣା ଓରକେଲଠାରେ ରହିଛି ପୁରାତନ ଶୈବପୀଠ ନୀଳକଣ୍ଠେଶ୍ୱର ମନ୍ଦିର। ଏହି ମନ୍ଦିର ୭୦ ବର୍ଷ ତଳେ ନିର୍ମାଣ ହୋଇଥିଲା। ବାଲିମେଳା ଇରିଗେଶନର ସେ ସମୟରେ କାର୍ଯ୍ୟରତ ଥିବା ସ୍ୱର୍ଗତ ଯୋଗେନ୍ଦ୍ର ମହାନ୍ତି ଓ ତାଙ୍କ ସହକର୍ମୀଙ୍କ ତତ୍ତ୍ୱାବଧାନରେ ଏହି ମନ୍ଦିର ନିର୍ମାଣ ହୋଇଥିଲା। ଏବେ ଏହି ଶୈବପୀଠ ଅବହେଳିତ ଅବସ୍ଥାରେ ରହିଛି। ଲୋକଙ୍କ ଅତୁଟ ବିଶ୍ୱାସର ପୀଠର ରକ୍ଷଣାବେକ୍ଷଣ ପ୍ରତି କାହାର ଦୃଷ୍ଟି ନାହିଁ। ପ୍ରତ୍ୟହ ଏହି ଶୈବପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଶୈବପୀଠର ପରିବେଶ ଲୋକଙ୍କୁ ଆକୃଷ୍ଟ କରେ। ମନ୍ଦିରଟି ଏକ ପର୍ବତ ତଳେ ଥିବାରୁ ଏଠାକୁ ଆଖ ପାଖ ଅଞ୍ଚଳର ଲୋକ ବଣଭୋଜି କରିବାକୁ ମଧ୍ୟ ଆସିଥାନ୍ତି। ଏହି ଶୈବପୀଠର ପ୍ରାକୃତିକ ପରିବେଶ ପ୍ରକୃତିପ୍ରେମୀଙ୍କୁ ସର୍ବଦା ଆକୃଷ୍ଟ କରିଆସୁଛି। ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରୁ ଏଠାକୁ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ସୋମବାର ଓ ସଂକ୍ରାନ୍ତିରେ ଏଠାରେ ଭିଡ ଜମେ। ଏଠାରେ ଜାଗରଯାତ୍ରା ପାଳିତ ହୋଇଥାଏ। ପୂଜକ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ କହିବା ଅନୁଯାୟୀ ଏହି ପୀଠ ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ପାଲଟିଛି। ଶ୍ରଦ୍ଧାଳୁମାନେ ନିଜ ମନସ୍କାମନା ପୂର୍ଣ୍ଣ କରିବାକୁ ନୀଳକଣ୍ଠେଶ୍ୱରଙ୍କ ନିକଟକୁ ଆସିଥାନ୍ତି। ଆଲୌକିକ କଥା ଯେ, ଏଠାରେ ଥିବା ଏକ କୂପରୁ ବାହାରୁଥିବା ପାଣି ପଇଡପାଣି ପରି ଲାଗିଥାଏ। ଏହି ପାଣିର ଏଭଳି ସ୍ୱାଦ କାହିଁକି ହୋଇଛି ତାହା ଏଯାଏ ଜଣାପଡିନାହିଁ। ଅନ୍ୟ କୌଣସି ଗ୍ରାମର କୂପରୁ ଏପରି ପାଣି ବାହାରୁ ନ ଥିବା ବେଳେ କେବଳ ଏହି ଶୈବପୀଠରେ ଥିବା କୂପରୁ ପଇଡପାଣି ବାହାରୁଛି ବୋଲି ସ୍ଥାନୀୟ ଲୋକେ କହନ୍ତି। ତେବେ ଏହା କେବଳ ସେହି ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ କୃପା ବୋଲି ଲୋକମାନେ ମାନି ଆସିଛନ୍ତି। ଜିଲାର ଏପରି ଏକ ମହତ୍ତ୍ୱପୂର୍ଣ୍ଣ ଶୈବପୀଠର ଉନ୍ନତି ଲାଗି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

- ୭୦ ବର୍ଷ ତଳେ ନିର୍ମିତ ହୋଇଥିଲା ମନ୍ଦିର
- ମନ୍ଦିର ନିକଟସ୍ଥ କୂଅ ପାଣି ପଇଡପାଣି ଭଳି ଲାଗେ
- ଜରୁରୀ ହୋଇପଡ଼ିଛି ରକ୍ଷଣାବେକ୍ଷଣ




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ହିତାଧିକାରୀଙ୍କୁ ସହାୟତା



ଗୁଣପୁର,୧।୩(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ରବିବାର ଟାଉନ ହଲରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ଦିଆଯାଇଛି। ଏହି ଅବସରରେ ବିଧାୟକ ରଘୁନାଥ ଗମାଙ୍ଗ, ଉପଜିଲାପାଳ ତଥା ପୌର ପ୍ରଶାସକ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ଏମ୍‌ପି ପ୍ରତିନିଧି ଏସ୍.ବାବା ପ୍ରସାଦ ଏବଂ ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୧୭, ୨ଜଣ ଦିବ୍ୟାଙ୍ଗଙ୍କୁ ଚୌକି, ହରିଶ୍ଚନ୍ଦ୍ର ଯୋଜନାରେ ୧୮ଜଣଙ୍କୁ ସହାୟତା ଦିଆଯାଇଥିଲା। ୨୧୦ଜଣ ଫେରିବାଲାଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ପୌର ପରିଷଦ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସପ୍ତମ ବେତନ ଲାଗୁ କରିବାକୁ ଦାବି

ରାୟଗଡ଼ା ଅଫିସ, ୧।୩: ରାୟଗଡ଼ା ଜିଲାର ବ୍ଲକ ଗ୍ରାଣ୍ଟ ସ୍କୁଲ ଶିକ୍ଷକ ଓ କଲେଜ ଅଧାପକଙ୍କୁ ନେଇ ଗଠିତ ମିଳିତ ମଞ୍ଚର ଏକ ବୈଠକ ରବିବାର ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ପ୍ରତ୍ୟେକ ସ୍କୁଲ ଏବଂ କଲେଜର ଜଣେ ଲେଖାଏ ପ୍ରତିନିଧି ଉପସ୍ଥିତ ଥିଲେ। ସରକାର ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜକୁ ପୂର୍ଣ୍ଣ ଗ୍ରାଣ୍ଟ ଦିଅନ୍ତୁ ବୋଲି ମଞ୍ଚ ସଦସ୍ୟ ଶ୍ରୀନିବାସ ମହେଶ ପଟ୍ଟନାୟକ କହିଛନ୍ତି। ଏଥିସହ ସପ୍ତମ ବେତନ କମିଶନରେ ଦରମା ପ୍ରଦାନ କରିବାକୁ ସଂଘ ଦାବି କରିଛି। ଆଗାମୀ ଦିନରେ ସରକାରଙ୍କ ପାଖରେ କିଭଳି ସଂଘ ନିଜର ଦାବି ଉପସ୍ଥାପନ କରିବ, ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ଶତାଧିକ ସଂଘ ସଦସ୍ୟ ସାମିଲ ହୋଇଥିଲେ।

### ୧୯୮୦ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ଗୁଣପୁର,୧।୩(ଡି.ଏନ୍.ଏ.):ରାୟଗଡା ଜିଲା ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୦ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟାରେ ଅନୁଷ୍ଠିତ ହୋଇଛି। ଅଧାପକ ଜଳନ୍ଧର ଗୌଡଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ପୁରୁଣା ଦିନର ସ୍ମୃତି ସାଉଁଟିଥିଲେ ପୁରାତନ ଛାତ୍ରମାନେ। ଦିବଂଗତ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦୀପ ଦାସ, ଗୌରୀ ମିଶ୍ର, ମୀନକେତନ ପଣ୍ଡା, ଅଶୋକ ରଥ, ଉମାଚରଣ ପଟ୍ଟନାୟକ, ଭି.ମୋହନ, ସୁବାସ ରଥ, ଫକିର ନାୟକ, ବାଙ୍ଗାରୀ ପଣ୍ଡା, ରବି ମିଶ୍ରଙ୍କ ସମେତ ଅନ୍ୟ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ।

# ରୋକ ସତ୍ତ୍ୱେ ବେଧଡ଼କ ଚାଲିଛି ପଲିଥିନ୍ କାରବାର

- ବ୍ୟବସାୟୀ ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଅଭାବ
- ସଚେତନତା ଜାରି ରହିଛି, ଦଣ୍ଡକୁ ଯାଇନୁ: ପୌର ନିର୍ବାହୀ ଅଧିକାରୀ

ରାୟଗଡ଼ା ଅଫିସ,୧।୩:

ପରିବେଶ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଲିଥିନ୍‌ର ଉତ୍ପାଦନ, ବ୍ୟବହାର, ବିକ୍ରୟ ଓ ଗଚ୍ଛିତ ରଖିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ହେଲେ ରାୟଗଡ଼ା ଜିଲାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ବେଧଡ଼କ୍ ପଲିଥିନ୍ ବ୍ୟବହାର କାରବାର ଚାଲିଥିବା ନଜରକୁ ଆସୁଛି। ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯିବା ପରେ କିଛିଦିନ ବିକ୍ରି ଓ ବ୍ୟବହାର ବନ୍ଦ ରହୁଥିବାବେଳେ ପରେ ପୁଣି ସମାନ ସ୍ଥିତି ଦେଖିବାକୁ ମିଳୁଛି। ଫଳରେ ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ପଲିଥିନ୍ ଆବର୍ଜନା ଦେଖିବାକୁ ମିଳୁଛି। ଏହାଦ୍ୱାରା ପରିବେଶ ନଷ୍ଟ ହେବା ସହ ବର୍ଷ ବର୍ଷ ଧରି ମାଟି ତଳେ ପଲିଥିନ୍ ଗଦା ହେବା ଯୋଗୁ ଭୂତଳ ଜଳ ସଂରକ୍ଷଣରେ ମଧ୍ୟ ବାଧା ସୃଷ୍ଟି କରୁଛି। ଯଦ୍ୱାରା ଆଗାମୀ ଦିନରେ ଘୋର ଜଳ ସମସ୍ୟା ଦେଖାଦେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ପଲିଥିନ୍‌ର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ସଚେତନ କରାଯିବା ସହ ଚଢ଼ାଉ ମଧ୍ୟ କରାଯାଉଛି। ୨୦୧୮ରେ ୫ ଥର ଏବଂ ୨୦୧୯ରେ ୧୫ଥର ଚଢ଼ାଉ କରାଯାଇଛି । ଚଢ଼ାଉବେଳେ ପ୍ରାୟ ୫ କୁଇଣ୍ଟାଲ୍ ପଲିଥିନ୍ ଜବତ କରାଯିବା ସହ ୧ଲକ୍ଷ ୧୩ ହଜାର ଟଙ୍କା ଜରିମାନା ମଧ୍ୟ ଆଦାୟ କରାଯାଇଛି। କିନ୍ତୁ ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ନିୟମ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଉ ନ ଥିବାରୁ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ବାରମ୍ବାର ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବା ସତ୍ତ୍ୱେ ଲୋକେ ସଚେତନ ହେଉ ନ ଥିବା ଦୃଷ୍ଟିକୁ ଆସୁଛି। ତେଣୁ ନିୟମ ଅନୁଯାୟୀ ସେମାନଙ୍କୁ ମଧ୍ୟ ଦଣ୍ଡିତ କରିବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଗ୍ରାହକ ଓ ବ୍ୟବସାୟୀଙ୍କ କହିବା ହେଲା, ସାଧାରଣ ଗ୍ରାହକ ଓ ବ୍ୟବସାୟୀଙ୍କ ପ୍ରତି ଅନ୍ୟାୟ ନ କରି ପଲିଥିନ୍ ଉତ୍ପାଦନ କେନ୍ଦ୍ରକୁ ବନ୍ଦ କରାଯାଉ। ଏଥିସହ ପଲିଥିନ୍‌ର ବିକଳ୍ପ ମଧ୍ୟ ଯୋଗାନ୍ତୁ। ଏ ନେଇ ରାୟଗଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ କହିଛନ୍ତି, ଚଢ଼ାଉ ଜାରି ରହିଛି ଏବଂ ଲୋକଙ୍କ ବ୍ୟବହାର ଉପରେ ମଧ୍ୟ ନଜର ରହିଛି। ହେଲେ ଏବେ ସଚେତନତା ଜାରି ରହିଥିବାରୁ ପ୍ରଶାସନ ଦଣ୍ଡ ଉପରକୁ ଯାଇନାହିଁ ବୋଲି କହିଛନ୍ତି।

# ୩୨୯ ପିଲା ଦେଲେ ପ୍ରବେଶିକା ପରୀକ୍ଷା



ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାକୁ ଧାଡ଼ିବାନ୍ଧି ଯାଉଛନ୍ତି।

ଦୁର୍ଗୀ, ୧।୩

ଦୁର୍ଗୀସ୍ଥିତ ଭାଲେରି ଓଡିଶା ଆଦର୍ଶ ବିଦ୍ୟାଳୟରେ ରବିବାର ପ୍ରବେଶିକା ପରୀକ୍ଷା କରାଯାଇଛି। ପରୀକ୍ଷା ଦେବାକୁ ୩୨୯ ଜଣ ଛାତ୍ରୀଛାତ୍ର ନାମ ପଞ୍ଜିକରଣ କରିଥିଲେ। ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ସୂଚନା ମିଳିଛି। ଏଥିପାଇଁ ସ୍କୁଲରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭିଡ଼ ଲାଗିଥିଲା।

# ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡ଼ି ସେବା ଆରମ୍ଭ



ଅତିଥିମାନେ ପତାକା ଦେଖାଇ ମହାପ୍ରୟାଣ ଗାଡି ସେବାର ଶୁଭାରମ୍ଭ କରୁଛନ୍ତି।

ମୁନିଗୁଡା, ୧।୩(ଡି.ଏନ୍.ଏ.)

**ଡାକ୍ତରଖାନାକୁ ମିଳିଲା ଆଉ ଏକ ଆମ୍ବୁଲାନ୍ସ**

ଦୀର୍ଘ ଦିନର ଦାବି ପରେ ରାୟଗଡା ଜିଲା ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡି ସେବା ଆରମ୍ଭ କରାଯାଇଛି। ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଉ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ସମ୍ବନ୍ଧରେ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଏହାର ଲାଭ ଉଠାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ସିଡିଏମ୍‌ଓ ଡା ଆର୍ତ୍ତବନ୍ଧୁ ନାୟକ, ବ୍ଲକ ବିଜେଡିର ବରିଷ୍ଠ ନେତା ରତନଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ତହସିଲଦାର ଦେବାଶିଷ ଗୌଡ଼, ବିଡ଼ିଓ ଦିଲ୍ଲୀପ କୁମାର ବେହେରା, ମୁନିଗୁଡା ମେଡିକାଲ ଅଫିସର ଡା.ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଚଞ୍ଚଳେଶ୍ୱରୀ ମନ୍ଦିରରେ ରତ୍ନମୁଦ ଉତ୍ସବ

ବିଷମକଟକ, ୧।୩

ବିଷମକଟକ ବ୍ଲକ ଚଞ୍ଚଳଗୁଡ଼ାରେ ନବନିର୍ମିତ ଚଞ୍ଚଳେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ରବିବାର ମନ୍ଦିରର ରତ୍ନମୂଦ କାର୍ଯ୍ୟକ୍ରମ କରାଯାଇଛି। ତିନି ଦିନ ଧରି ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା ଓ ଯଜ୍ଞ ଚାଲିଛି। ରବିବାର ସକାଳେ ସମସ୍ତ ରିତି ନିତିରେ ମନ୍ଦିର ଶିଖରରେ ରହିଥିବା ଗର୍ଭଗୃହରେ ନୂଆଧାନ ଓ ବିଭିନ୍ନ ଧାତୁରେ ପୂର୍ଣ୍ଣ କରାଯାଇଥିଲା। ଶତାଧିକ ଭକତ ସାମିଲ ହୋଇଥିଲେ। ସିଙ୍ଗାରୀ ୱାଡକାଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରରେ ଗ୍ରାମବାସୀ ସହଯୋଗ କରିଥିଲେ। ଏ ଅବସରରେ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର କୁମାର ଦାଶ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥିମାନେ ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମିତ ଦୋକାନ ଗୃହ ମହିଳା ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ୪୦ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି।

# ବିବାହ ପ୍ରତିଶ୍ରୁତି ଦେଇ ଠକିଲେ ଶିକ୍ଷକ

- ଦୁଇ ବର୍ଷ ପ୍ରେମ ସମ୍ପର୍କ ପରେ ପ୍ରତାରଣା ଅଭିଯୋଗ

ରାୟଗଡ଼ା ଅଫିସ, ୧।୩

ଗୁରୁ ଶିଷ୍ୟ ସମ୍ପର୍କରେ ପୁଣି ଲାଗିଲା କଳଙ୍କ। ଛାତ୍ରୀଙ୍କ ସହ ଦୁଇ ବର୍ଷର ପ୍ରେମ ସମ୍ପର୍କ ରଖିବା ପରେ ଏବେ ବିବାହ କରିବାକୁ ମନା କରିଛନ୍ତି ଶିକ୍ଷକ। ରବିବାର ପିଡିତା ଓ ତାଙ୍କ ପରିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା 'ସଖୀ' ସେଣ୍ଟରର ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ରୀଜଣଙ୍କ ବର୍ତ୍ତମାନ ଜେକେପୁର ଅଞ୍ଚଳର ଏକ କଲେଜରେ ପାଠ ପଢୁଛନ୍ତି।

ଦୁଇବର୍ଷ ତଳେ ରାୟଗଡ଼ା ଜିଲା କୋଲନରା ବ୍ଲକ ସୁରୀ ପଞ୍ଚାୟତସ୍ଥିତ ଏକ ସ୍କୁଲରେ ପଢିବାବେଳେ ପିଡିତାଙ୍କ ପ୍ରେମ ସମ୍ପର୍କ ଉକ୍ତ ବିଦ୍ୟାଳୟର ଶିକ୍ଷକ ଭୁପେନ୍ଦ୍ର ଜାରପୁ (୩୦)ଙ୍କ ସହ ଗଢି ଉଠିଥିଲା। ସେ ସମୟରେ ଗ୍ରାମବାସୀ ଏ ନେଇ ଅବଗତ ହେବାପରେ ଏକ ବୈଠକ କରିଥିଲେ। ଝିଅ ବର୍ତ୍ତମାନ ନାବାଳିକା, ସେ ସାବାଳିକା ହେବାପରେ ଶିକ୍ଷକଙ୍କ ସହ ବିବାହ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଥେରୁବାଲି ଚାଇଲ୍ଡଲାଇନରେ ମଧ୍ୟ ଏ ନେଇ ଏକ ଚୁକ୍ତି କରାଯାଇଥିଲା। କିଛିଦିନ ହେବ ସେ ଭୁପେନ୍ଦ୍ରଙ୍କ ସହ ଏକ ଭଡା ଘର ନେଇ ଏକାଠି ରହୁଥିଲେ। ପିଡିତାଙ୍କୁ ୧୮ବର୍ଷ ହେବା ପରେ ସେ ବିବାହ ପାଇଁ କହିବାରୁ ଭୁପେନ୍ଦ୍ର ସିଧାସିଧା ମନା କରିଦେଇଥିଲେ। ଏହାପରେ ପିଡିତା ତାଙ୍କ ପରିବାର ସହ ଯାଇ ସଖୀ ସେଣ୍ଟରରେ ଅଭିଯୋଗ କରିଛନ୍ତି। ଭୁପେନ୍ଦ୍ରଙ୍କୁ କାଉନ୍‌ସେଲିଂ ପାଇଁ ଆଣିବାକୁ ସଖୀ ସେଣ୍ଟର ପକ୍ଷରୁ ଚାନ୍ଦିଲି ପୋଲିସକୁ କୁହାଯାଇଛି।

# ସ୍କୁଲ ଡ୍ରେସ ସିଲାଇବାକୁ ଡାକିନେଇ ଟେଲରଙ୍କୁ ମାଡ଼

- ଲୁଟି ନେଲେ ସୁନା ଅଳଙ୍କାର
- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି



ଗୁଣପୁର,୧।୩(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ସ୍କୁଲ ପିଲାଙ୍କ ଡ୍ରେସ ସିଲାଇବା ପାଇଁ ଡାକି ନେଇ ଜଣେ ଟେଲରଙ୍କୁ ମାଡ଼ ମାରି ଜଣେ ଦୁର୍ବୃତ୍ତ ତାଙ୍କ ଠାରୁ ଲୁଟ୍ କରିଛନ୍ତି। ପରିବାର ଲୋକେ ଖବର ପାଇ ଟେଲର ଭି.ସତ୍ୟମଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

ସ୍କୁଲ ପିଲାଙ୍କ ଡ୍ରେସ ସିଲାଇ ଅର୍ଡର ଦେବାକୁ ଜଣେ ଯୁବକ କିଛିଦିନ ହେବ ଗୁଣପୁର ଗୌଡ଼ ସାହିର ଟେଲର ଭି.ସତ୍ୟମଙ୍କୁ ଫୋନ କରୁଥିଲେ। ସେ ଏକ ସ୍କୁଲର ପ୍ରଧାନ ଶିକ୍ଷକ ବୋଲି ନିଜ ପରିଚୟ ଦେଉଥିଲେ। କାର୍ଯ୍ୟ ବ୍ୟସ୍ତତା ଯୋଗୁ ଭି.ସତ୍ୟମ ଯାଇ ପାରୁ ନ ଥିବାରୁ ଉକ୍ତ ଯୁବକ ଜଣଙ୍କ ରବିବାର ଆସି ତାଙ୍କୁ ବାଇକ୍‌ରେ ବସାଇ ନେଇ ଯାଇଥିଲେ। ଦୀର୍ଘ ସମୟ ଧରି ଲୋକଙ୍କୁ ଏକ ଫୋନ କଲ୍ ଆସିଥିଲା। ଭାରାସିଂ ନିକଟ ବନ୍ଧୁଗୁଡା ରେଷ୍ଟ ସେଡ ନିକଟରେ ଜଣେ ବ୍ୟକ୍ତି ଅଚେତ ହୋଇ ପଡିଥିବା ସୂଚନା ଦେଇଥିଲେ। ତାଙ୍କ ନିକଟରେ ପଡିଥିବା ମୋବାଇଲ୍‌ରୁ ନମ୍ବର ସଂଗ୍ରହ କରି ଫୋନ କରିଥିବା କହିଥିଲେ। ସତ୍ୟମଙ୍କ ପୁଅ ନିଜ ସାଙ୍ଗସାଥୀଙ୍କ ସହ ଘଟଣାସ୍ଥଳକୁ ଯାଇଥିଲେ। ଆହତ ସତ୍ୟମଙ୍କୁ ଉଦ୍ଧାର କରିଥିଲେ। ସତ୍ୟମଙ୍କ କାନ ଓ ମୁହଁରେ ଆଘାତ ଲାଗିଥିବାବେଳେ ସେ କଥା କହି ପାରୁ ନ ଥିଲେ। ସତ୍ୟମଙ୍କୁ ଉଦ୍ଧାର କରି ପରିବାର ଲୋକେ ପ୍ରଥମେ ଗୁଣପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ପରିବାର ଲୋକେ ସତ୍ୟମଙ୍କୁ ଶ୍ରୀକାକୁଳମ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ସତ୍ୟମଙ୍କ ସୁନା ଚେନ ଓ ମୁଦି ନଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଏନେଇ ତାଙ୍କ ପରିବାର ଲୋକେ ଗୁଣପୁର ଥାନାରେ ଏତଲା ଦେଇଛନ୍ତି। ସତ୍ୟମ ଅଚେତ ଥିବାରୁ ଘଟଣା ସମ୍ପର୍କରେ ଠିକ୍ ସୂଚନା ମିଳି ନ ଥିବା ଗୁଣପୁର ଆଇଆଇସି ରଶ୍ମୀରଞ୍ଜନ ପ୍ରଧାନ କହିଛନ୍ତି।

# ବାଇକ୍‌ରୁ ପଡ଼ି ୨ ଗୁରୁତର

ଡାବୁଗାଁ,୧।୩ (ଡି.ଏନ.ଏ.):

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଛକ ନିକଟରେ ବାଇକରୁ ପଡି ୨ ଜଣ ଗୁରୁତର ହୋଇଛନ୍ତି । ମେଣ୍ଡ୍ରା ଗ୍ରାମର ତୁଳାରାମ ସାନ୍ତା (୩୫) ଓ ମକର ସାନ୍ତା (୩୮)ଉମରକୋଟରୁ ଡାବୁଗାଁ ଆଡକୁ ବାଇକ (ନଂ.ଓଡି୧୦ଇ-୮୨୧୭)ରେ ଆସୁଥିବା ବେଳେ ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲେ। ଏଥିରେ ତୁଳାରାମ ସାନ୍ତା ଓ ମକର ଆହତ ହୋଇଥିଲେ । ଖବରପାଇ ଡାବୁଗାଁ ଥାନା ସିଏଏସଆଇ ପୀତାମ୍ବର ଭତ୍ରା ଓ ପୋଲିସ କର୍ମଚାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱଷ୍ଠ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ଚିତ୍ରଶିଳ୍ପୀଙ୍କୁ କଳାଶ୍ରୀ ଉପାଧି



ମୁରଲୀଧରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାରଳାଖେମୁଣ୍ଡି, ୧।୩(ସ୍ୱ.ପ୍ର.)

ପାରଳାଖେମୁଣ୍ଡିର ଚିତ୍ରଶିଳ୍ପୀ ମୁରଲୀଧର ପରିଚ୍ଛାଙ୍କୁ କଳାଶ୍ରୀ ଉପାଧିରେ ସମ୍ମାନିତ କରାଯାଇଛି। ପାରଳା ଗଜପତି ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଏହି ଉପାଧି ପ୍ରଦାନ କରିଥିଲେ। ପରିଚ୍ଛାଙ୍କ ଏହି ସଫଳତା ପାଇଁ ତାଙ୍କୁ ପାରଳାଖେମୁଣ୍ଡି ଗାନ୍ଧୀ ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଚାରୁ ଓ କାରୁକଳା ବିଦ୍ୟାଳୟ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଲ୍‌ମୁକୁନ୍ଦ କେନ୍ଦ୍ରର ଉପଦେଷ୍ଟା ବିଚିତ୍ରାନନ୍ଦ ବେବର୍ତ୍ତା, ଜିଲା ସାହିତ୍ୟ ଅକାଦମୀର ସଦସ୍ୟ ବଳରାମ ନାଗା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ବାଲ୍‌ମୁକୁନ୍ଦ କେନ୍ଦ୍ରରେ ଅନୁଷ୍ଠିତ ଚିତ୍ରାଙ୍କନ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ପରିଚ୍ଛାଙ୍କ ସମେତ ସନ୍ଥଗୌରବ ଉପାଧି ପାଇଥିବା କେନ୍ଦ୍ରର ମାର୍ଗଦର୍ଶକ ରାମାନନ୍ଦ ଦାସ ଏବଂ ପାରଳାମଣି ଉପାଧି ପାଇଥିବା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଅଭିନନ୍ଦନ ଜଣାଇଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ ଦେବେନ୍ଦ୍ର କୁମାର ଦାସ (ବୁଲୁ ଦାସ)
ଆବିର୍ଭାବ : ୧୨.୦୬.୧୯୬୧
ତିରୋଧାନ : ୨୧.୦୨.୨୦୨୦
ଗ୍ରାମ : ପାଣ୍ଡିଆସାହି, ପୁରୁଣାଗଡ଼ ଥାନା : ବନ୍ତଲା, ଜି: ଅନୁଗୁଳ
ତୁମର ନିଷ୍କପଟ ସ୍ନେହଶ୍ରଦ୍ଧା ଓ କର୍ତ୍ତବ୍ୟପରାୟଣତା ଆମପାଇଁ ପ୍ରେରଣାର ଉତ୍ସ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ପତ୍ନୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ
ଧ-୧୬୯୬୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ତରୁଣ କୁମାର ଦାଶ (ଟିକୁ)
ତିରୋଧାନ: ୦୨।୦୩।୨୦୧୬
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ପାଇଁ ପଥପ୍ରଦର୍ଶକ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବାପା, ନାନୀ, ନନା, ଭଣଜା, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୦୧୪


# ଅଙ୍ଗନୱାଡି କେନ୍ଦ୍ରକୁ ଏଲ୍‌ଇଡି ଟିଭି

ଚନ୍ଦ୍ରପୁର, ୧।୩ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ସଦର ମହକୁମା ଇନ୍ଦିରା ନଗରସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରଶାସନ ପକ୍ଷରୁ ଏଲ୍‌ଇଡି ଟିଭି ଦିଆଯାଇଛି। ରାୟଗଡ଼ା ଜିଲା ପ୍ରଶାସନ ତଥା ଜିଲା ଗ୍ରାମ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ଏହି ଏଲ୍‌ଇଡି ଟିଭି ପ୍ରଦାନ କରାଯାଇଛି ବୋଲି ଚନ୍ଦ୍ରପୁର ଭାରପ୍ରାପ୍ତ ସମାଜ କଲ୍ୟାଣ ଅଧିକାରୀ ଦୟା ଶବର ସୂଚନା ଦେଇଛନ୍ତି। ପ୍ରଦାନ ସମୟରେ ମୁଖ୍ୟ ଅତିଥି ଭାବେ ଡାଙ୍ଗସୋରଡା ସରପଞ୍ଚ ଧାନୁ ମାଝି କୁମୁରୁକା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଦେହୁରୀ, ଅଙ୍ଗନୱାଡି ସୁପରଭାଇଜର ସୁଜାତା ମିଶ୍ର, ଅଙ୍ଗନୱାଡି କର୍ମୀ ସୁଗମା ରଣା, ନାଏବ ସରପଞ୍ଚ ସୁଲୋଚନା ପାତ୍ର ସମେତ ବହୁ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଏଥିସହ ପ୍ରତ୍ୟେକ ପଞ୍ଚାୟତ ସଦର ମହକୁମାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ମଧ୍ୟ ଏଲ୍‌ଇଡି ଟିଭି ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଭାରପ୍ରାପ୍ତ ବ୍ଲକ ସମାଜ କଲ୍ୟାଣ ଅଧିକାରୀ ଦୟା ଶବର କହିଛନ୍ତି।



ଅତିଥିଙ୍କଠାରୁ ଅଙ୍ଗନୱାଡି କର୍ମୀ ଏଲ୍‌ଇଡି ଟିଭି ଗ୍ରହଣ କରୁଛନ୍ତି।

# ଶ୍ରମିକ ସାଜିଲେ ଚନ୍ଦାହାଣ୍ଡି ବିଡିଓ

ଚନ୍ଦାହାଣ୍ଡି,୧।୩(ଡି.ଏନ.ଏ)

ଶ୍ରମିକ ସାଜିଲେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିଜେ ବାଲି, ସିମେଣ୍ଟ ବୋହି ଶ୍ରମିକଙ୍କ ସହ କାମ କରୁଥିବାର ଶନିବାର ଦେଖିବାକୁ ମିଳିଥିଲା। ଏହା ଦେଖି ଶ୍ରମିକମାନେ ମଧ୍ୟ ଉତ୍ସାହିତ ହୋଇ କାମ କରିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଶ୍ରମିକଙ୍କ ସହ ମିଶି ବିଡିଓ କାମ କରୁଛନ୍ତି।

ଚନ୍ଦାହାଣ୍ଡି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଧିମେଇ ଯାଇଛି। ସେଥିପାଇଁ ବିଡିଓ ଧର୍ମରାଜ ବିଭିନ୍ନ ପଞ୍ଚାୟତ ଶନିବାର ପରିଦର୍ଶନରେ ଯାଇଥିଲେ। ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତର ପୂଜାରିଗୁଡାଠାରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଥିବାର ଦେଖିଥିଲେ। ସେଠାରେ ପହଞ୍ଚି ରାସ୍ତା କାମ ଯାଞ୍ଚ କରିଥିଲେ। ଏଥିସହ ଶ୍ରମିକମାନଙ୍କ ସହ ମିଶି ବାଲି, ସିମେଣ୍ଟ , କଂକ୍ରିଟ ବୋହି କାମ କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ଆଗେଇ ଆସି ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ଜମାଦରାପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଘର ନିର୍ମାଣ ଦେଖିଥିଲେ। ଜଣେ ହିତାଧିକାରୀଙ୍କ ଆବାସ ଗୃହ ନିର୍ମାଣ ବେଳେ ଶ୍ରମିକଙ୍କ ସହ ମିଶି ବିଡିଓ କାମ କରିଥିଲେ। ହିତାଧିକାରୀଙ୍କୁ ଘର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ବିଡିଓଙ୍କ ସହ ମିଶି ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଛମନ ନିଆଲ, ଯୋଗାଣ ସହାୟକ ପୂର୍ଣ୍ଣ ସୁନା ପ୍ରମୁଖ କାମ କରିଥିଲେ।